www.rajbhumi.in

# ରାଜଭୂମି

RAJBHUMI
PRGI Regd. No. ODIODI/2021/82138
Odia Monthly

Vol.5 | Issue.10 | Kendrapara | September 2026 | Page 8 | Rs : 10.00 ବର୍ଷ ୫ | ସଂଖ୍ୟା ୧୦ | କେନ୍ଦ୍ରାପଡ଼ା | ସେପ୍ଟେମ୍ବର ୨୦୨୬ | ୮ ପୃଷ୍ଠା | ମୂଲ୍ୟ ୨୦ ଟଙ୍କା

# ଓଡ଼ିଶା ମନ୍ତ୍ରୀମଣ୍ଡଳର ସମ୍ପ୍ରସାରଣ କେବେ ?


ଜୟନାରାୟଣ ମିଶ୍ର


ଲକ୍ଷ୍ମଣ ବାଗ୍


ବାବୁ ସିଂ


ସୁରମା ପାଢ଼ୀ


ଈରାଶିଷ ଆଚାର୍ଯ୍ୟ

ଭୁବନେଶ୍ୱର (ରାଜଭୂମି ମିଡ଼ିଆ) : ଓଡ଼ିଶାରେ ଦୁଇବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ବିଜେପି ସରକାର ଗଠନ କରିସାରିଲାଣି। ଦୀର୍ଘ ୨୪ ବର୍ଷ ଧରି ଏକ ସରକାର, ଏକ ସ୍ୱାଦକୁ ଅନୁଭବ କରୁଥିବା ଲୋକେ ନୂଆ ସରକାରର ଉପସ୍ଥିତିକୁ ଅନୁଭବ କରି ସାରିଲେଣି। ମୁଖ୍ୟମନ୍ତ୍ରୀ, ଦୁଇ ଉପ ମୁଖ୍ୟମନ୍ତ୍ରୀଙ୍କୁ ନେଇ ଗଢ଼ା ଯାଇଥିବା ମନ୍ତ୍ରୀ ମଣ୍ଡଳର ଏଯାଇ ସଂପ୍ରସାରଣ ଦେଖିବାକୁ ମିଳିଲା ନାହିଁ। ଆଉ ହାତ କେଇଟା ଦିନ ପରେ ଅଢ଼େଇ ବର୍ଷ ପୂର୍ତ୍ତି ହେବ। ଅଢ଼େଇ ବର୍ଷ ଗଲେ ହାତରେ ଆଉ ମାତ୍ର ଅଢ଼େଇ ବର୍ଷ। ଏହା ଭିତରେ କେବେ ମନ୍ତ୍ରୀମଣ୍ଡଳ ପରିବର୍ତ୍ତନ ହେବ ତାହାକୁ ନେଇ କଳ୍ପନା ଜଳ୍ପନା ଲାଗି ରହିଛି। ଚଳନ୍ତି ସମୟରେ ଏକାଧିକ ମନ୍ତ୍ରୀ ଓଡ଼ିଶାର ବଦନାମ ହୋଇ ସାରିଲେଣି। ବଦନାମ ମନ୍ତ୍ରୀଙ୍କ ପ୍ରତି ସରକାର କିଛିବି କାର୍ଯ୍ୟାନୁଷ୍ଠାନ ଏଯାଏ ନେଇ ନାହାଁନ୍ତି। ବିରୋଧି ପ୍ରସଙ୍ଗ, ଜନତାଙ୍କ ସ୍ୱାର୍ଥ, ରାଜ୍ୟ ବିକାଶକୁ ଯଦି ଦେଖିବା ସରକାର ମନ୍ତ୍ରୀ ମଣ୍ଡଳ ସଂପ୍ରସାରଣ କରିବା ନିହାତି ଆବଶ୍ୟକ। ବଦନାମ ହୋଇଥିବା ମନ୍ତ୍ରୀଙ୍କୁ ବାଦ୍ ନଦେଲେ ସରକାର ଯେ ନିଜେ ବଦନାମ ହେବେ ଏହା ନିଃସନ୍ଦେହ। ପାଠ୍ୟ ପୁସ୍ତକ ତ୍ରୁଟିକୁ ନେଇ ସବୁଠୁ ଅଧିକ ବଦନାମ ହୋଇଥିବା ମନ୍ତ୍ରୀ ହେଉଛନ୍ତି ନିତ୍ୟାନନ୍ଦ ଗଣ୍ଡ। ତାଙ୍କୁ ଆଗାମୀ ମନ୍ତ୍ରୀ ମଣ୍ଡଳରେ ମୋହନଙ୍କ ଟିମ୍‌ରୁ ବାଦ୍ ଦିଆଯାଇ ପାରେ। ସେହିପରି କିଛି ମାସ ତଳେ ଫକୀର ମୋହନ ବିଶ୍ୱବିଦ୍ୟାଳୟରେ ଛାତ୍ରୀ ସୌମ୍ୟଶ୍ରୀ ବିଶି ଆତ୍ମହତ୍ୟା ପାଇଁ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଏସିବି ମେଡ଼ିକାଲ ଅଗ୍ନିକାଣ୍ଡ ପାଇଁ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ପ୍ରମୁଖଙ୍କ ନାମର ବିବାଦର ଛିଟା ଲାଗିଥିବା ବେଳେ ସରକାର ତାଙ୍କ ଟିମ୍‌ରେ ଏମାନଙ୍କୁ ନେଇ ବିଭାଗ ପରିବର୍ତ୍ତନ କରୁଛନ୍ତି ନା ସମ୍ପୂର୍ଣ୍ଣ ବାଦ୍ ଦେଉଛନ୍ତି ତାହା ଦେଖିବାକୁ ବାକି ଅଛି। ସେହିପରି ଉପ ମୁଖ୍ୟମନ୍ତ୍ରୀଙ୍କ ଭିତରୁ କାହାକୁ ପରିବର୍ତ୍ତନ କରାଯାଉଛି କି, ଯଦି ପ୍ରଭାତୀ ପରିଡ଼ାଙ୍କୁ ବଦଳା ଯାଉଛି ତାଙ୍କ ସ୍ଥାନରେ ବାଚସ୍ପତି ସୁରମା ପାଢ଼ୀଙ୍କୁ ସରକାର ଉପ ମୁଖ୍ୟମନ୍ତ୍ରୀ ଯଦି କରନ୍ତି ତେବେ ସେ ସଠିକ୍ ରୂପେ ତାଙ୍କ ଦାୟିତ୍ୱ ନିର୍ବାହ କରି ପାରିବେ। ଅନ୍ୟ ଏକ ଦିଗ ଦେଖିଲେ ଏକାଧିକ ବିଧାୟକ ଗତ ମନ୍ତ୍ରୀ ମଣ୍ଡଳରୁ ବାଦ୍ ପଡ଼ି ବିଶୋଦ୍‌ଗାର କରିଥିବାର। ତେଣୁ ଅସନ୍ତୁଷ୍ଟ ବିଧାୟକଙ୍କୁ ମୋହନ୍ ତାଙ୍କ ଟିମ୍‌ରେ ନେବେ ନାଁ ଅସନ୍ତୁଷ୍ଟଙ୍କୁ ବାଦ୍ ଦେବେ ତାହା ମଧ ପ୍ରଶ୍ନବାଚୀରେ। ଅନେକ ଜିଲ୍ଲା ମଧ ମନ୍ତ୍ରୀ ମଣ୍ଡଳରୁ ବଂଚିତ, ସେହି ସବୁ ଜିଲ୍ଲାରୁ କାହାକୁ ମନ୍ତ୍ରୀ ମଣ୍ଡଳରେ ସାମିଲ୍ କରାଯିବ କି ? ତାହା ମଧ ପ୍ରଶ୍ନଘେରରେ। ମନ୍ତ୍ରୀ ମଣ୍ଡଳ ଗଠନ ହେଲେ କିଛି ନାଁ ମଧ ଆଗକୁ ଆସେ ସମ୍ବଲପୁରର ବିଧାୟକ ଅଭିଜ୍ଞ ନେତା ଜୟନାରାୟଣ ମିଶ୍ର, ଭଟଲି ବିଧାୟକ ଈରାଶିଷ ଆଚାର୍ଯ୍ୟ, ଏକାମ୍ର ବିଧାୟକ ବାବୁ ସିଂ, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ୍, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର ଆଦିଙ୍କ ନାମ। ତେଣୁ ବିଳମ୍ବ ନକରି ସରକାର ମନ୍ତ୍ରୀମଣ୍ଡଳ ସଂପ୍ରସାରଣ କରି ସଠିକ୍ ଢ଼ଙ୍ଗରେ ସରକାର ଚଳେଇ ନିଜର ଦୃଢ଼ତା ପ୍ରମାଣିତ କରିଲେ, ଓଡ଼ିଶାର ଜନଗଣଙ୍କ ହୃଦୟ ଜିତିବେ ଏହା ନିଃସନ୍ଦେହ।

## ସରକାର ଦୂର କରନ୍ତୁ ଶିକ୍ଷା ସମସ୍ୟା

ଦିଲ୍ଲୀରେ ସିଜେପିର ଆନ୍ଦୋଳନ କେତେ ଶକ୍ତିଶାଳୀ ଥିଲା ତାହା ଆମେ ନିକଟରେ ଦେଖିଛନ୍ତି। ଆନ୍ଦୋଳନକାରୀଙ୍କ ସର୍ତ୍ତ ସବୁ ସରକାର କେମିତି ପୂରଣ କଲେ ଓ ଆନ୍ଦୋଳନ କେମିତି ପ୍ରତ୍ୟାହୃତ ହେଲା ତାହା ମଧ ଆମେ ଦେଖିଛେ। ଓଡ଼ିଶାରେ ଅନୁରୂପ ଭାବେ ଅନେକ ସମୟରେ ନାନା ଆନ୍ଦୋଳନ ହେଉଥିବାର ଦେଖାଯାଏ। ଏଇ ନିକଟରେ ହଜାର ହଜାର ଶିକ୍ଷକଙ୍କ ଆନ୍ଦୋଳନ କଥା ନଜରକୁ ଆସିଥିବ। ଦୀର୍ଘ ୨୧ ଦିନ ଧରି ଓଡ଼ିଶାର ରାଜରାସ୍ତାରେ ଖରା, ବର୍ଷା, ଶୀତ, କାକରକୁ ଖାତିର ନକରି ଶିକ୍ଷକ, ଶିକ୍ଷୟିତ୍ରୀ, ଶିକ୍ଷା ବିଭାଗର କର୍ମଚାରୀମାନେ ଆନ୍ଦୋଳନ ଜାରି ରଖିଥିଲେ, ଗୋଟିଏ ପଟେ ଗୁରୁଙ୍କୁ ପୂଜା କରିବା ପାଇଁ ଓଡ଼ିଶାର ଲକ୍ଷଲକ୍ଷ ଛାତ୍ରଛାତ୍ରୀ ଅପେକ୍ଷା କରିଥିଲେ, ଅନ୍ୟପଟେ ନିଜର ହକ୍, ନାର୍ଯ୍ୟ ଦାବି ପାଇଁ ଗୁରୁମାନେ ଲଢେଇ ଜାରି ରଖିଥିଲେ। ଏପରି ଚିତ୍ର ଓଡ଼ିଶାରେ ଦେଖିବାକୁ ମିଳିଥିଲା। ପୂର୍ବ ସରକାର ହୁଅନ୍ତୁ କି ଚଳନ୍ତି ସରକାର ଏପରି ଏକ ଗୁରୁତ୍ୱପୂର୍ଣ୍ଣ ସମସ୍ୟାକୁ କାହିଁକି ଗୁରୁତର ଭାବେ ନେଉନାହାଁନ୍ତି ତାହା ଦୁଃଖ ଓ ବିଡ଼ମ୍ବନାର ବିଷୟ। ଗୁରୁ ଦିବସ ଦିନ ଏହି

### କଲମର କଥା

### ପବିତ୍ର ବ୍ରହ୍ମପୁତ୍ର ନାୟକ

୨୧ ଦିନ ଧରି ଜାରି ରହିଥିବା ଆନ୍ଦୋଳନଟି ପ୍ରତ୍ୟାହୃତ ହୋଇଥିବା ଖବର ନଜରକୁ ଆସିଲା। ଶିକ୍ଷକ ନେତାମାନଙ୍କ ସହ ବିଭାଗୀୟ ମନ୍ତ୍ରୀ, ବିଧାୟକ କଣ ଏମିତି ଆଲୋଚନା କରି ପ୍ରତିଶ୍ରୁତି ଦେଇଦେଲେ ଯେ ହଠାତ୍ ଏଭଳି ଏକ ଶକ୍ତିଶାଳୀ ଆନ୍ଦୋଳନ ସ୍ଥଗିତ ରହିଯିବାକୁ ବାଧ ହେଲା। ଏପରି ପ୍ରଥମେ ହୋଇଛି ତାହା ନୁହେଁ, ପୂର୍ବ ସରକାର ହୁଅନ୍ତୁ କି ଚଳନ୍ତି ସରକାର ଆନ୍ଦୋଳନକୁ ଭଣ୍ଡୁର କରିବାକୁ ଉଦ୍ୟମ କରିଥାନ୍ତି, ଶିକ୍ଷକନେତାମାନେ ସେଥିରେ ସାଜନ୍ତି ମଧ୍ୟସ୍ଥି। ସର୍ତ୍ତ ପୂରଣ ନହେବା ଯାଏ ଆନ୍ଦୋଳନ ଜାରି ରଖିବା ପରିବର୍ତ୍ତେ ସ୍ଥଗିତ, ପ୍ରତ୍ୟାହୃତ ଭଳି ଘଟଣା ଦେଖିବାକୁ ମିଳିଥାଏ। ଓଡ଼ିଶା ଭଳି ରାଜ୍ୟ, ଶିକ୍ଷା ଭଳି ବିଭାଗ, ଶିକ୍ଷକ, ଶିକ୍ଷୟିତ୍ରୀ ଭଳି କର୍ମଚାରୀ ସରକାରଙ୍କ ଦୃଷ୍ଟିରେ ଏତେ ନଗଣ୍ୟ କାହିଁକି। ନିକଟ ଅତୀତରେ ଆମେ ଦେଖିଛେ ପାଠ୍ୟ ପୁସ୍ତକରେ କିଭଳି ତ୍ରୁଟି, ନୂତନ ବହି ପିଲାଏ ଏଯାଏ ପାଇଲେ ନାହିଁ। ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ବି ଦିନେ ଶିକ୍ଷକ ଥିଲେ ସେ ତାହା ଭୁଲି ନଯାଆନ୍ତୁ, ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ମାଆ ବି ଜଣେ ଶିକ୍ଷୟିତ୍ରୀ ସେ ତାହା ବି ନଭୁଲନ୍ତୁ। ଏଭଳି ସମସ୍ୟାକୁ ତୁରନ୍ତ ଗୁରୁତର ଭାବେ ଗ୍ରହଣ କରି ସମାଧାନ କଲେ ହଜାର ହଜାର ଶିକ୍ଷକ ଶିକ୍ଷୟିତ୍ରୀ କେବଳ ସନ୍ତୁଷ୍ଟ ହେବେ, ତାହା ନୁହେଁ ବରଂ ଓଡ଼ିଶାର ଶିକ୍ଷା ମାନଚିତ୍ର ବଦଳିବା ସହ ଶିକ୍ଷା ବ୍ୟବସ୍ଥାର ସୁଧାର ଆସିବ।




ପୃଥିବୀରେ ଯେଉଁଠି ଥାଆନ୍ତୁ

ସେଇଠି ପଢ଼ନ୍ତୁ

ରାଜଭୂମି

ଏବେ ଅନ୍‌ଲାଇନ୍‌ରେ

www.rajbhumi.in

# ଉପକୂଳ ରାଜପଥ ବନାମ ରାଜକାନ୍ଦଣା

କେନ୍ଦ୍ର ସରକାରଙ୍କ ପ୍ରସ୍ତାବିତ ଉପକୂଳ ରାଜପଥ ନକ୍ସାରୁ ରାଜନଗର ଅଞ୍ଚଳ ବାଦ୍ ପଡ଼ିବା ଅଞ୍ଚଳବାସୀଙ୍କ ପାଇଁ ଏକ ଦୁର୍ଭାଗ୍ୟଜନକ ବିଷୟ ବୋଲି କୁହାଯାଇ ପାରିବ। ଏହି ପ୍ରକଳ୍ପ ଉପରେ ଜାତୀୟ ରାଜପଥ ପ୍ରାଧିକରଣ ମଧ୍ୟ ନିଜର ସ୍ପଷ୍ଟୀକରଣ ଦେଇଛି। ଏହାର ରୂପରେଖ ଜଣାପଡ଼ିବା ପରେ ସମୁଦାୟ ଅଂଚଳ ତଥା ଜିଲ୍ଲାରେ ଆଲୋଡ଼ନ ସୃଷ୍ଟି ହୋଇଛି। ରାଜନଗର ଜନସାଧାରଣଙ୍କ ତରଫରୁ ପ୍ରତିବାଦର ସ୍ୱର ମଧ୍ୟ ଉଠିବା ଦେଖାଦେଇଛି। କିନ୍ତୁ ଏ ବାବଦରେ ଅଂଚଳର ସ୍ୱାର୍ଥରକ୍ଷା ଦୃଷ୍ଟିରୁ ଆବଶ୍ୟକ ହେଉଥିବା ରାଜନେତାଙ୍କ ସ୍ୱର ଆଶ୍ଚର୍ଯ୍ୟଜନକ ଭାବେ ନିଃଶବ୍ଦ, ନୀରବ ରହିଛି। ଅପରପକ୍ଷରେ ଭିତରକନିକା ପରି ଜାତୀୟ ଉଦ୍ୟାନର ଜୈବବିବିଧତା ସୁରକ୍ଷାର ସମ୍ବେଦନଶୀଳ ପ୍ରସଙ୍ଗ ଓ ବ୍ରାହ୍ମଣୀ, ବୈତରଣୀ, ଖରସ୍ରୋତା ନଦୀ ସହିତ ସଂଲଗ୍ନ ହଂସୁଆ, ଖୋଳା, କାଣୀ ଆଦି ଅନେକ ଶାଖାନଦୀର ଗତିପଥକୁ ଦୃଷ୍ଟିରେ ରଖି ରାଜପଥର ନିର୍ମାଣରେ ବାଧକ ହେବ ବୋଲି ଆଶଙ୍କା ପ୍ରକାଶ ପାଇଛି। ରାଜପଥ ନିର୍ମାଣ ପାଇଁ ଏହା ଏକ ବୈଷୟିକ କମିଟିର ସୁପାରିଶ ବୋଲି ଜଣାପଡ଼ିଛି। କିନ୍ତୁ ଏହାର ଯେ ଅନ୍ୟ ବିକଳ୍ପ ନାହିଁ ବା ବର୍ତ୍ତମାନ ରାଜନଗର ଅଞ୍ଚଳ ଦେଇ ରାଜପଥର ମାର୍ଗ ନିର୍ଦ୍ଧାରଣ କରିବା ଏକାନ୍ତ ଅସମ୍ଭବ ଏପରି ମଧ୍ୟ ନୁହଁ। ସମଗ୍ର ଭାରତରେ ଅଭୟାରଣ୍ୟ ବା ସଂରକ୍ଷିତ ଅରଣ୍ୟ, ନଦୀ ଆଦି ପରିବେଷ୍ଟିତ ଅଞ୍ଚଳ ଦେଇ ରାଜପଥ ଯେ ନିର୍ମାଣ ହୋଇନାହିଁ ଏପରି ନୁହେଁ। ତାପରେ ରାଜପଥ କେବଳ ଗମନାଗମନର ଅବଲମ୍ବନ ଦୃଷ୍ଟିରୁ ନିର୍ମାଣ ହୁଏ ନାହିଁ। କେନ୍ଦ୍ର ସରକାର ଏହାକୁ ଉପକୂଳ ଅଂଚଳର ଅର୍ଥନୈତିକ କରିଡର୍ ଭାବରେ ନିର୍ମାଣ କରିବାର ଲକ୍ଷ୍ୟ ରଖିଥିବା କଥା କୁହାଯାଉଛି। କିନ୍ତୁ ଏହାର ଗତିପଥକୁ ଦେଖିଲେ ଏହା କେବେବି ସରକାରଙ୍କ ତଥାକଥିତ ଲକ୍ଷ୍ୟକୁ ପୂରଣ କରିପାରିବ ନାହିଁ। କାରଣ ହେଉଛି ସମୁଦାୟ କେନ୍ଦ୍ରାପଡ଼ା ଜିଲ୍ଲାର ଅର୍ଥନୈତିକ ଆନୟନର ସମ୍ଭାବନା ଓ ଏ କ୍ଷେତ୍ରରେ ଉଜ୍ଜ୍ୱଳ ଭବିଷ୍ୟତ ଥିବା ରାଜନଗର ପରି ଅଞ୍ଚଳକୁ ବାଦ୍ ଦେବା। ଏହା ନିଶ୍ଚୟ ଏକ ବିମର୍ଶର ବିଷୟ, ପୁନଃ ଅନୁଧ୍ୟାନର ବିଷୟ।

ଏହି ପ୍ରସଙ୍ଗରେ ବିଚାର କରିବାର ସମୟ ଆସିଛି ଯେ ବୈଷୟିକ କମିଟି କେବଳ ନିର୍ମାଣ ସୁଗମତାର ପରାମର୍ଶ ଦେଇ ପାରେ କିନ୍ତୁ ରାଜପଥ ନିର୍ମାଣ ଓ ତାର ପରିପୂରକ ଲକ୍ଷ୍ୟ ହାସଲ ଦିଗରେ ଚିନ୍ତା କରିବା ସରକାରଙ୍କର, ସମ୍ପୃକ୍ତ ବିଭାଗର। ଯଦି ବିଭାଗୀୟ ଦୂରଦୃଷ୍ଟିହୀନତା ଯୋଗୁ ସରକାର ଏପରି ଏକ ପ୍ରକଳ୍ପ ପୂର୍ବ ନିର୍ଦ୍ଧାରିତ ଅନୁସାରେ କାର୍ଯ୍ୟକାରୀ କରନ୍ତି ଏହା ଐତିହାସିକ ଭୁଲ୍ କରିବସିବେ ବୋଲି କହିହେବ। ଆହୁରି ମଧ୍ୟ ନିର୍ମାଣ କ୍ଷେତ୍ରରେ ଦର୍ଶାଯାଇଥିବା ତଥାକଥିତ ପ୍ରତିବନ୍ଧକକୁ ସହଜ କୌଶଳରେ ରୂପାନ୍ତରିତ କରିବାରେ ଅନେକ ଅତ୍ୟାଧୁନିକ ବୈଷୟିକ ବିକଳ୍ପ ରହିଥିବା ବେଳେ କାହିଁକି ତାହାର ସୁଯୋଗ ନିଆଯାଇପାରିବ ନାହିଁ! ଯାହା ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରୁଛି।

ଆମେ ଯେଉଁ ଲକ୍ଷ୍ୟ ବା ଉଦ୍ଦେଶ୍ୟ ନେଇ ଏହି ଅର୍ଥନୈତିକ କରିଡର୍ ଭାବରେ ରାଜପଥ ତିଆରି କରୁଛୁ ତାହା ଭବିଷ୍ୟତରେ କେତେ ଉପଯୋଗୀ ହୋଇପାରିବ, କେତେ ଭୌଗୋଳିକତାରେ ଥିବା ବିଷମ ସ୍ଥିତାବସ୍ଥାକୁ ବଦଳାଇବାରେ ସହାୟକ ହୋଇପାରିବ, କେତେ ଆଞ୍ଚଳିକ ଗମନାଗମନ କ୍ଷେତ୍ରରେ ସନ୍ତୁଳନ ଆଣି ପାରିବ ଓ ସର୍ବୋପରି ଆର୍ଥନୀତିକ ଆଗମ ଉତ୍ସକୁ ଉତ୍ସାହିତ କରିପାରିବ ତାହା ବିଚାରର ବିଷୟ। ଗମନାଗମନର ସୁଗମତା ଥିବା ଅଞ୍ଚଳ ଦେଇ ଏହାର ଗତିପଥ ପରିକଳ୍ପନାକୁ କେନ୍ଦ୍ର ବା ରାଜ୍ୟ ସରକାର ମଞ୍ଜୁରୀ ବା ଅନୁମତି ଦେବା ସମୟରେ ପରାଧୀନତା ସମୟରୁ ଯୋଗାଯୋଗ ସମେତ ପରିବହନ, ସ୍ୱାସ୍ଥ୍ୟ, ଶିକ୍ଷା କ୍ଷେତ୍ରରେ ଦୀର୍ଘ ଅବହେଳାର ଶିକାର ହୋଇ ଆସିଥିବା ଜିଲ୍ଲାର ଗୋଟିଏ ବୃହତ୍ ଭାଗକୁ ସବୁଦିନ ପାଇଁ ଅନଗ୍ରସରତା ମୁହଁକୁ ଠେଲିଦେବା ସହିତ ସମାନ ହେବ। ଅପରପକ୍ଷରେ ସରକାରଙ୍କ ଅନୁମୋଦିତ 'ଗଭୀର ସମୁଦ୍ର ମାଛ ଧରା ମିଶନ' ଯାହା ଗୋଟିଏ ବଡ଼ ଆର୍ôଥିକ ଅନୁଦାନରେ କାର୍ଯ୍ୟକାରୀ ହେବାର ଲକ୍ଷ୍ୟ ରଖାଯାଇଛି ତାହା ବାଣିଜ୍ୟିକ ଦୃଷ୍ଟିରୁ ଅର୍ଥହୀନ ହୋଇ ପଡ଼ିବ। ଏ ବାବଦରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ବିପୁଳ ରାଜସ୍ୱ ହରାଇବାର ସମ୍ଭାବନା ରହିଛି। ଆହୁରି ମଧ୍ୟ ବାତ୍ୟା, ସାମୁଦ୍ରିକ ଝଡ଼, ଲୁଣା ଜୁଆରୀ ସମୟର ସମସ୍ୟାର ସହଜ ପରିଚାଳନା ପାଇଁ ରାଜନଗରର ଅଞ୍ଚଳ ଦେଇ ରାଜପଥ ନିର୍ମାଣର ଆବଶ୍ୟକତା ରହିଛି। ଏଥି ସହିତ ହ୍ୱିଲର ଦୀପ, ସମୁଦ୍ର ପଥ ଦେଇ ବଢୁଥିବା ଅନୁପ୍ରବେଶ ପରି ସଂବେଦନଶୀଳ ଅଞ୍ଚଳରେ ପ୍ରଥମେ ବାହ୍ୟ ଶତ୍ରୁଙ୍କ ଆକ୍ରମଣ ଓ ପ୍ରବେଶର ଖୁବ୍ ସମ୍ଭାବନା ଥିବା ଜାଣି ମଧ୍ୟ ଏଥିପ୍ରତି ଆଖି ବନ୍ଦ୍ କରିଦେବା କେବେହେଲେ ଦୂରଦୃଷ୍ଟି ସମ୍ପନ୍ନ ପଦକ୍ଷେପ ବୋଲି ବିବେଚିତ ହେବ ନାହିଁ। ଏହା ସମୁଦାୟ ଦେଶର ପ୍ରତିରକ୍ଷା ପ୍ରସଙ୍ଗକୁ ଏଡ଼ାଇଯିବା ସହିତ ସମାନ ହେବ। ଅପାତକାଳୀନ ସ୍ଥିତିରେ ରାଜନଗର ଉପକୂଳକୁ ସୁରକ୍ଷାବାହିନୀର ଯାତାୟାତ, ଯୁଦ୍ଧ ଆଦି ପରିସ୍ଥିତିର ପରିଚାଳନାକୁ ଦୃଷ୍ଟିରେ ରଖି ଏହି ଅଞ୍ଚଳ ଦେଇ ରାଜପଥ ସଂଯୋଗ ପ୍ରସଙ୍ଗକୁ ଅଣଦେଖା କରାଯିବା ଉଚିତ୍ ହେବ ନାହିଁ।

ଏ ଦିଗରେ ସ୍ଥାନୀୟ ତହସିଲଦାର, ଜିଲ୍ଲାପାଳ ଅବା ଲୁଣାଜଙ୍ଗଲ ବନଖଣ୍ଡ ଅଧିକାରୀଙ୍କ ପରାମର୍ଶ ବା ରିପୋର୍ଟ ଉପରେ କେବଳ ଆଧାର କରି ରାଜମାର୍ଗ ନିର୍ମାଣ ପ୍ରକଳ୍ପ ବିଭାଗ ଯଦି ନିଜ କାମର ସଠିକତାକୁ ଦର୍ଶାଇବା ପାଇଁ ଚାହୁଁଥାଏ ତାହେଲେ ଦୁର୍ଭାଗ୍ୟପୂର୍ଣ୍ଣ ବୋଲି କହିହେବ। କାରଣ ସ୍ୱଳ୍ପ ସମୟ ଅବଧିରେ ନିଜ କାର୍ଯ୍ୟ ପରିସରରେ ଉପରୋକ୍ତ ଏହି ଅଧିକାରୀମାନେ କେବଳ ପାରମ୍ପରିକ ସୁବିଧା, ଅସୁବିଧା କଥାକୁ ଦର୍ଶାଇ ପାରିବେ ସିନା ଓଡ଼ିଶାର ପୂର୍ବତଟ, ବଙ୍ଗୋପସାଗରର ଉନ୍ମୁକ୍ତ ବେଳାଭୂମି ପ୍ରସଙ୍ଗ ସଂଲଗ୍ନ ରାଜନଗର ଅଞ୍ଚଳର ମୌଳିକ ତଥା ଭୌଗୋଳିକ, ସାମାଜିକ, ଅର୍ଥନୀତିକ ଦୃଷ୍ଟିକୋଣକୁ ସଠିକ୍ ଢଙ୍ଗରେ ଉପସ୍ଥାପିତ କରିପାରିବେ ନାହିଁ ବୋଲି ମନେହୁଏ। କେବଳ ବିଭାଗୀୟ ଦାୟିତ୍ୱ ଦାୟରେ ନିଜ ନିଜ କାମ ଶେଷ କରିଦେଇ ବସିଯିବା ସେମାନଙ୍କ ପକ୍ଷରେ ସ୍ୱାଭାବିକ। ଏ କ୍ଷେତ୍ରରେ ସ୍ଥାନୀୟ ଭୌଗୋଳିକ ଜ୍ଞାନସମ୍ପନ୍ନ ବିଶେଷଜ୍ଞ, ପରିବେଶକର୍ମୀ, ଦୂରଦୃଷ୍ଟି ସମ୍ପନ୍ନ ବୁଦ୍ଧିଜୀବୀ, କୃଷିଜୀବୀ, ମତ୍ସ୍ୟଜୀବୀ, ରାଜନେତା ଆଦିଙ୍କ ପରାମର୍ଶକୁ ବିଚାରକୁ ନିଆଯିବାର ଆବଶ୍ୟକ ରହିଛି।

ଅର୍ଥନୈତିକ ଦୃଷ୍ଟିକୋଣରୁ ଦେଖିଲେ ନଦୀମାତୃକାର ଏହି ଅଂଚଳ ତ୍ରିକୋଣ ଭୂମିରେ ପ୍ରଚୁର ଧାନ, ସମୁଦ୍ର ସମେତ ନଦୀରୁ ମାଛ ସମଗ୍ର ରାଜ୍ୟ ଓ ରାଜ୍ୟ ବାହାରର ଆବଶ୍ୟକତାକୁ ପୂରଣ କରୁଥିବା ବେଳେ ବାଣିଜ୍ୟିକ ଭିତ୍ତିଭୂମିରେ ଗମନାଗମନ ହିଁ ମୁଖ୍ୟ ପ୍ରତିବନ୍ଧକ ସାଜିଛି। ଅପର ପକ୍ଷରେ ଭିତରକନିକା, ପେଣ୍ଠ, ସାତଭାୟାର ଅଘୋଷିତ( ପକ୍ଷୀବିହାର), ବରୁଣେଇ ବେଳାଭୂମି, ଚିତ୍ତକୋଲା, ମାଇପୁରା (ଲୁପ୍ତ ବନ୍ଦର) ପରି ଦର୍ଶନୀୟ ତଥା ପର୍ଯ୍ୟଟନ କ୍ଷେତ୍ରରେ ଅନେକ ସମ୍ଭାବନାମୟ ଭବିଷ୍ୟତ ଥିବା ଅଞ୍ଚଳକୁ ରାଜପଥର ଏକାନ୍ତ ଆବଶ୍ୟକତା ରହିଅଛି ବୋଲି ଦୃଢ଼ ଭାବରେ କୁହାଯାଇ ପାରିବ। ଆହୁରି ମଧ୍ୟ ସମଗ୍ର କେନ୍ଦ୍ରାପଡା ଜିଲ୍ଲାର ଗମନାଗମନ ସମ୍ବନ୍ଧୀୟ ବୈଷମ୍ୟକୁ ସମଧାନ କରିବାରେ ସହାୟକ ହୋଇ ପାରିବ ।

ତେବେ ଭାରତମାଳା ପରିଯୋଜନା ଅଧୀନରେ ନିର୍ମାଣ ହେବାକୁ ଯାଉଥିବା ଉପକୂଳ ରାଜପଥ ପ୍ରକଳ୍ପରୁ ରାଜନଗରର କାହିଁକି ବଞ୍ଚିତ ହେବ? ଅର୍ଥନୈତିକ କରିଡର୍ ଲକ୍ଷ୍ୟରେ ତିଆରି ହେବାକୁ ଯାଉଥିବା ଏହି ପ୍ରକଳ୍ପ କାହିଁକି ନିଜ ଲକ୍ଷ୍ୟପଥରୁ ବିଚ୍ୟୁତ ହେଉଛି? ଏହି ରାଜପଥର ଲକ୍ଷ୍ୟ ଦିଗରେ ରାଜନଗର କିପରି ସହାୟକ ହୋଇପାରିବ ଓ ରାଜନଗର କିପରି ନିଜର ଦୀର୍ଘ ଅବହେଳିତ ଇତିହାସର ସ୍ଥିତିକୁ ଅତିକ୍ରମ କରିବ ଏ ନେଇ ରାଜନେତାଙ୍କ ବିସ୍ମୟକର ନୀରବତା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ନିଜ ଅଞ୍ଚଳର ନ୍ୟାୟିକ ସ୍ୱାର୍ଥ ପାଇଁ ସ୍ୱର ଉଠାଇବା ବେଳେ ସେମାନଙ୍କ ସ୍ୱର କାହିଁକି ନୀରବତା ଭଙ୍ଗ କରୁନାହିଁ। ଆପଣା ରାଜନୀତିକ ସ୍ୱାର୍ଥର ଆଗ୍ରହ ସେମାନଙ୍କ କଣ୍ଠରୋଧ କରୁନାହିଁ କି? ଏପରି ମୌନତାରୁ ରାଜନେତାମାନଙ୍କ ମାଟିପ୍ରେମ କି ପାଟିପ୍ରେମ ସ୍ପଷ୍ଟ ବୁଝା ପଡୁଛି। ଏପରି ଏକ ସମୟରେ ସରକାରୀ ଦଳର ନେତୃତ୍ୱ ସରକାରଙ୍କ ବିରୁଦ୍ଧରେ ନିଜ ସ୍ୱର ଉଠାଇଲେ କାଳେ ନିଜ ନେତୃତ୍ୱ ପ୍ରତି ବିପଦ ଦେଖାଯିବ, ଦଳର ଭାବମୂର୍ତ୍ତି କ୍ଷୁର୍ଣ୍ଣ ହେବ ଏଥିପାଇଁ ସେମାନେ ଚୁପ୍ । ଅପର ପକ୍ଷରେ ସରକାରୀ ଦଳରେ ନଥିବା ବିଜେଡିର ନେତୃତ୍ୱ ଚାହୁଁଥିବେ ଏହି ନ୍ୟାୟିକ ସଂଗ୍ରାମରେ ସରକାର ବିରୋଧୀ ଯେଉଁ ସ୍ୱର ଉଠୁଛି ଓ ଉଠିବ ସେଥିରୁ ଆପଣାର ରାଜନୀତିକ ରୁଟି ସେକିବା ତାଙ୍କୁ ସହଜ ହେବ। ତେଣୁ ସେମାନେ ମଧ୍ୟ ଚୁପ୍। ଅନୁରୂପ ଭାବରେ ନିଜ ସ୍ଥିତିରେ ନିଜକୁ ଅପେକ୍ଷାକୃତ ଦୁର୍ବଳ ଭାବୁଥିବା କଂଗ୍ରେସ ନେତୃତ୍ୱ ମଧ୍ୟ ଏହି ରାଜନୈତିକ ଗୋଳିଆପାଣିର ସୁଯୋଗ ଉଣ୍ଡି ଚୁପ୍ ରହିବାକୁ ଶ୍ରେୟସ୍କର ମନେକରୁଥିବ।

ଉପକୂଳ ରାଜପଥ କାର୍ଯ୍ୟ ପ୍ରକ୍ରିୟା ଆରମ୍ଭ ହୋଇଛି ଯେତେବେଳେ କେବେନା କେବେ ସମାପ୍ତ ହେବ। କିନ୍ତୁ ଏହାକୁ ନେଇ ଭବିଷ୍ୟତର ପିଢ଼ି ରାଜନଗରର ନେତୃତ୍ୱ ନେଉଥିବା କାହାକୁ ବି କ୍ଷମା କରିବ ନାହିଁ। ରାଜକାନ୍ଦଣା ଶୁଭୁନଥିବା ରାଜନଗର ଆଗମୀ ଗୋଟିଏ ଶତାବ୍ଦୀ ପାଇଁ ନିଜ ଭାଗ୍ୟକୁ ନିନ୍ଦିବା ବ୍ୟତୀତ ଅଧିକ କିଛି କରିପାରିବ ନାହିଁ। ସମୟ ଆସିଛି ସମସ୍ତେ ବ୍ୟକ୍ତିଗତ ଅଭିସନ୍ଧି, ସ୍ୱାର୍ଥ, ଉଦ୍ଦେଶ୍ୟକୁ ପଛରେ ପକାଇ ଆସନ୍ତୁ ନିଜ ଅଞ୍ଚଳ ପାଇଁ ଯେଉଁ ମିଳିତ ସଂଗ୍ରାମର ଆବଶ୍ୟକତା ରହିଛି ସେଥିପାଇଁ ନିଜ ଯୋଗଦାନ ରଖିବା। ଏହି ନ୍ୟାର୍ଯ୍ୟ ଦାବି ପାଇଁ ତୃଣମୂଳ ସ୍ତରରୁ ଶିଖର ଯାଏ ଥିବା ଜନସାଧାରଣ, କୃଷକ, ଶ୍ରମିକ, କର୍ମଜୀବୀ, ଯୁବବର୍ଗ, ଛାତ୍ର ସମାଜ, ପରିବେଶକର୍ମୀ, ବୁଦ୍ଧିଜୀବୀ ନିଜ ସ୍ୱାଭିମାନର ପରିଚୟ ଦେବା।

**ପ୍ରଦୀପ ନାୟକ**
*ବନ୍ଧପଡ଼ା, ମଦନପୁର, କେନ୍ଦ୍ରାପଡ଼ା*
*ମୋ : ୮୯୧୭୩୭୦୨୨୭*

## ବୀମା ସପ୍ତାହ ଉଦ୍‌ଯାପିତ




ପଟ୍ଟାମୁଣ୍ଡାଇ (ରା.ମି) : ଭାରତୀୟ ଜୀବନ ବୀମା ନିଗମ, ପଟ୍ଟାମୁଣ୍ଡାଇ ଶାଖାଠାରେ ଭାରତୀୟ ଜୀବନ ବୀମା ନିଗମର ବୀମା ସପ୍ତାହ ଉଦ୍‌ଯାପିତ ହୋଇଯାଇଛି। ୭୦ତମ ଜନ୍ମ ବାର୍ଷିକୀ ଉପଲକ୍ଷେ ଅନୁଷ୍ଠିତ ଏହି ବୀମା ସପ୍ତାହରେ ବିଭିନ୍ନ ଦିବସରେ ଆନ୍ତଃ ବିଦ୍ୟାଳୟ ବକ୍ତୃତା ପ୍ରତିଯୋଗିତା, ଚିତ୍ରାଙ୍କନ ପ୍ରତିଯୋଗିତା, ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହାର ଦ୍ୱିତୀୟ ଦିବସରେ ଆଳି ବ୍ଲକ ଅନ୍ତର୍ଗତ କୁମାର ଟଙ୍କା ପ୍ରକଳ୍ପ ଉ.ପ୍ରା. ବିଦ୍ୟାଳୟକୁ ଏକ ଆକୁଆଗାର୍ଡ ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବର ମୁଖ୍ୟ ଅତିଥି ଭାବେ ପଟ୍ଟାମୁଣ୍ଡାଇ ଉପଖଣ୍ଡ ପୋଲିସ ଅଧିକାରୀ ଶ୍ରୀ ସୁକାନ୍ତ କୁମାର ପାତ୍ର ଯୋଗଦେଇଥିଲେ। ଏହି ସଭାରେ ବରିଷ୍ଠ ଶାଖା ପରିଚାଳକ ଶ୍ରୀ ଅରୁଣ କୁମାର ବିଶ୍ୱାଳ ପୌରହିତ୍ୟ କରିଥିଲେ। ଉତ୍ସବର ମୁଖ୍ୟ ଅତିଥି ଶ୍ରୀ ପାତ୍ର ଜୀବନ ବୀମାର ଉତ୍ପତ୍ତି, ଏହାର ପ୍ରସାର ଓ ଉପଯୋଗିତା ସମ୍ବନ୍ଧରେ ସାରଗର୍ଭକ ଭାଷଣ ଦେଇଥିଲେ। ଭାରତର ଆର୍ôଥିକ ବିକାଶରେ ଭାରତୀୟ ଜୀବନ ବୀମା ନିଗମର ସହଯୋଗିତାକୁ ପ୍ରଶଂସା କରିଥିଲେ। ଉତ୍ସବରେ ପୌରାହିତ୍ୟ କରିଥିବା ଭାରତୀୟ ଜୀବନ ବୀମା ନିଗମ, ପଟ୍ଟାମୁଣ୍ଡାଇ ଶାଖାର ବରିଷ୍ଠ ଶାଖା ପ୍ରବନ୍ଧକ ଅରୁଣ କୁମାର ବିଶ୍ୱାଳ ଜୀବନ ବୀମା ନିଗମର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ଉପରେ ଆଲୋକପାତ କରିଥିଲେ। ଜୀବନ ବୀମା ନିଗମର ସମସ୍ତ କର୍ମଚାରୀ, ଅଭିକର୍ତ୍ତା ଓ ବୀମାଧାରୀଙ୍କୁ ଏହି ଅବସରରେ ଶ୍ରୀ ବିଶ୍ୱାଳ ଅଭିନନ୍ଦନ ଓ ଧନ୍ୟବାଦ ଦେଇଥିଲେ। ବରିଷ୍ଠ ପ୍ରଶାସନିକ ଅଧିକାରୀ ଶ୍ରୀ ବିପିନ ବିହାରୀ ଜେନାଙ୍କ ଦ୍ୱାରା ସଂଚାଳିତ ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ କର୍ମଚାରୀ ନେତା ଅଭିମନ୍ୟୁ ଦାସ, ସୋମନାଥ ସ୍ୱାଇଁ, ଅଜୟ କୁମାର ପ୍ରଧାନ, ସୁଜିତ କୁମାର ସିଂ, ଲକ୍ଷ୍ମୀ ନାରାୟଣ ଶତପଥୀ, ଅରୁଣ କୁମାର ସେଠୀ, ତ୍ରିଦିବ ନାଥ ବେହେରା, ମନୋଜ କୁମାର ଜେନା, ଗିରିଶ ଚନ୍ଦ୍ର ତ୍ରିପାଠୀ, ପ୍ରଦୀପ କୁମାର ବାରିକ, ଉମେଶ ଚନ୍ଦ୍ର ସାହୁ, ପଦ୍ମଲାଭ ଲେଙ୍କା, ଅଭୟ କୁମାର ମାଝୀ, ଚନ୍ଦ୍ରଶେଖର ଦାସ, ଚିନ୍ମୟ କୁମାର ସାମଲ, ତପରଞ୍ଜନ ବେହେରା, ରାଜେନ୍ଦ୍ର କୁମାର ସାହୁ, ବିପିନ ବିହାରୀ ପରିଡା, ସନ୍ତୋଷ କୁମାର ବେଉରା, ସିଦ୍ଧେଶ୍ୱର ଷଡ଼ଙ୍ଗୀ, ପୂର୍ଣ୍ଣ ଚନ୍ଦ୍ର ରଣସିଂହ, ବିଭୁ ପ୍ରସାଦ ପାତ୍ର, ସୁଗୁଣା ସିଂ, ରବୀନ୍ଦ୍ର କୁମାର ପାତ୍ର, ସବ୍ୟସାଚୀ ଲେଙ୍କା, ବିବେକାନନ୍ଦ ବରାଳ, ସୌଭିକ ସାହୁ, ଶୁଭଶ୍ରୀ ସାହୁ ପ୍ରମୁଖ ଶତାଧିକ ବୀମା କର୍ମଚାରୀ ଓ ଅଭିକର୍ତ୍ତା ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ସର୍ବଶେଷରେ ଶ୍ରୀ ଅରୁଣ କୁମାର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଦେଶ ବାହାରେ ଅଛି ଜଗାର ଜମି

ଭୁବନେଶ୍ୱର (ରା.ମି) : ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସଂପତ୍ତି କେଉଁଠି କେତେ ଅଛି ତା'ର ପୂରା ହିସାବ ଅଛି କି ନାହିଁ ସନ୍ଦେହ। ଓଡ଼ିଶା କିମ୍ବା ରାଜ୍ୟ ବାହାରେ ନୁହେଁ, ଏପରି କି ପାକିସ୍ତାନରେ ବି ଅଛି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଜମି। ପାକିସ୍ତାନର ସିନ୍ଧପ୍ରଦେଶରେ ମହାପ୍ରଭୁଙ୍କ ଜମି ରହିଛି। ଏସବୁ ଜମିର ସ୍ଥିତି ସମ୍ପର୍କରେ ଅନୁଧ୍ୟାନ ଆରମ୍ଭ ହେବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି। ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ମହାପ୍ରଭୁଙ୍କ ନାମରେ ପ୍ରାୟ ୬୦ ହଜାର ଏକର ଜମି ଥିବା ନେଇ ଆମ ପାଖରେ ରେକର୍ଡ ଅଛି। ଏଥିରୁ ଅଧିକାଂଶ ଓଡ଼ିଶା ମଧ୍ୟରେ ରହିଛି। ଆଉ କିଛି ଜମି ଭାରତର ବିଭିନ୍ନ ରାଜ୍ୟ ଏବଂ ପାକିସ୍ତାନର ସିନ୍ଧପ୍ରଦେଶରେ ରହିଛି। ଦେଶ ଭିତରେ ଥିବା ଜମିର ସ୍ଥିତି ସମ୍ପର୍କରେ ପର୍ଯ୍ୟାୟକ୍ରମେ ଅନୁଧ୍ୟାନ କରାଯିବ। ଓଡ଼ିଶା ମଧ୍ୟରେ ଥିବା ସବୁ ଜମିକୁ ସୁରକ୍ଷିତ କରାଯିବା ସହ ଅନ୍ୟ ଜମିକୁ ଜବରଦଖଲମୁକ୍ତ କରାଯିବ। ଖବର ଅନୁସାରେ, ମହାପ୍ରଭୁଙ୍କ ଜମିଜମାର ସୁରକ୍ଷା ଏବଂ ପୁନରୁଦ୍ଧାର ସମ୍ପର୍କରେ ସୁପ୍ରିମକୋର୍ଟ ଏବଂ ଓଡ଼ିଶା ହାଇକୋର୍ଟଙ୍କ ସମସ୍ତ ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବା ନିମନ୍ତେ ପଦକ୍ଷେପ ନେବାକୁ ରାଜସ୍ୱ ବିଭାଗ ପକ୍ଷରୁ ଫେବ୍ରୁଆରୀରେ ନିର୍ଦ୍ଦେଶନାମା ଜାରି କରାଯାଇଥିଲା। ଶ୍ରୀଜଗନ୍ନାଥ ମହାପ୍ରଭୁ ବିଜେ, ପୁରୀ ମାର୍ଫତ୍ ଶ୍ରୀମନ୍ଦିର ପରିଚାଳନା କମିଟି ନାମରେ ଥିବା ସମସ୍ତ ଭୂ-ସମ୍ପତ୍ତିର ଖତିୟାନ ସଂଶୋଧନ ସହ ବିଭିନ୍ନ ଅପେକ୍ଷିତ ମାମଲାର ତୁରନ୍ତ ସମାଧାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହା ପୂର୍ବରୁ ଗତବର୍ଷ ସେପ୍ଟେମ୍ବର ମାସରେ ଆଇନ ମନ୍ତ୍ରୀ କହିଥିଲେ, ମହାପ୍ରଭୁଙ୍କ ଭୂ-ସମ୍ପତ୍ତି ଫେରାଇ ଆଣିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ରାଜ୍ୟ ଭିତରେ ଓ ବାହାରେ ଥିବା ମହାପ୍ରଭୁଙ୍କ ସମ୍ପତ୍ତି ଚିହ୍ନଟ କରାଯାଉଥିବା ବେଳେ ବିଧିମତେ ଏହା ଉପରେ ସରକାରଙ୍କ ଦଖଲ ଆରମ୍ଭ ହେବ। ରାଜ୍ୟ ଏବଂ ରାଜ୍ୟ ବାହାରେ ମହାପ୍ରଭୁଙ୍କର ୬୦ ହଜାର ଏକର ଜମି ରହିଛି। ସେଥିମଧ୍ୟରୁ ଆମ ପାଖରେ ୩୨ ହଜାର ଏକର ଜମିର କାଗଜପତ୍ର ପ୍ରସ୍ତୁତ ହୋଇସାରିଛି। ପ୍ରାୟ ୬ଟି ରାଜ୍ୟରେ ଶ୍ରୀମନ୍ଦିରର ପ୍ରାୟ ୪୦୦ ଏକର ଭୂ-ସମ୍ପତ୍ତି ରହିଛି। ଅନ୍ୟ ଜମିଗୁଡ଼ିକୁ ଚିହ୍ନଟ କରିବା ଲାଗି ପଦକ୍ଷେପ ନିଆଯାଉଛି।



ଏକ ବିଶେଷ ମୁହୂର୍ତ୍ତରେ କଥାକାର ଅରବିନ୍ଦ ରାୟ
'ରାଜଭୂମି' ସଂପାଦକ ପବିତ୍ର ବ୍ରହ୍ମପୁତ୍ର ନାୟକ, ବିଶିଷ୍ଟ ରାଜନେତା ନିରଞ୍ଜନ ପଟ୍ଟନାୟକ

# ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ

କେନ୍ଦ୍ରାପଡ଼ା (ରା.ମି) : ସ୍କୁଲ ଭିତରେ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ ସହ ଅସଦାଚରଣ କେନ୍ଦ୍ରାପଡ଼ା ସଦର ଥାନା କଂସାର-ସାହସପୁର ନୋଡାଲ ହାଇସ୍କୁଲରୁ ଏପରି ଅଭିଯୋଗ ଆସିଛି। ଏନେଇ ପ୍ରଧାନ ଶିକ୍ଷୟିତ୍ରୀଙ୍କ ସହ ସମସ୍ତ ଶିକ୍ଷକ ସଂଘ ସଦର ଥାନାରେ ଅଭିଯୋଗ କରିଛନ୍ତି। ଜିଲ୍ଲା ଶିକ୍ଷାଅଧିକାରୀ ଏବଂ ଜିଲ୍ଲାପାଳଙ୍କୁ ଦାବିପତ୍ର ମଧ୍ୟ ଦେଇଛନ୍ତି। ଯଦି ନ୍ୟାୟ ନମିଳେ ତେବେ ଆସନ୍ତା ୭ ତାରିଖ ଠାରୁ ପାଠପଢା ବନ୍ଦ କରି ସ୍କୁଲ ସମ୍ମୁଖରେ ଧାରଣାରେ ବସିବାକୁ ଚେତାବନୀ ଦେଇଛି ଶିକ୍ଷକ ସଂଘ। ସୂଚନା ଅନୁସାରେ ପ୍ରଧାନ ଶିକ୍ଷୟିତ୍ରୀ ଭକ୍ତିଲତା ମହାରଣା ମଧ୍ୟାହ୍ନ ଭୋଜନ ତଦାରଖ କରି ତାଙ୍କ କାର୍ଯ୍ୟାଳୟକୁ ଫେରୁଥିବା ବେଳେ କାଙ୍କଦିଆ ଗାଁର ରଞ୍ଜନ ମହାପାତ୍ର ସ୍କୁଲ ଭିତରେ ପଶି ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ପ୍ରତିବାଦ କରିବାରୁ ବିଧା, ଗୋଇଠା ମାରିଥିବା ଅଭିଯୋଗ କରିଛନ୍ତି ଭକ୍ତିଲତା। ତେବେ ସ୍କୁଲର ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ ପହଞ୍ଚିବାରୁ ସେ ବାଇକ ଛାଡ଼ି ଦୌଡ଼ି ପଳାଇଥିଲା। ସ୍କୁଲ କମିଟି ଗଢ଼ା ହେବା ସମୟରେ ମଧ୍ୟ ସ୍କୁଲ କ୍ୟାମ୍ପସରେ ପଶି ତାଙ୍କୁ ଗାଳିଗୁଲଜ କରିଥିବା କଥା ମଧ୍ୟ ଅଭିଯୋଗ ହୋଇଛି। ସଦର ପୋଲିସର ଏକ ଟିମ୍ ସ୍କୁଲରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଅଭିଯୁକ୍ତକୁ ଗିରଫ ବିଳମ୍ବ ହେବାରୁ ପ୍ରଧାନ ଶିକ୍ଷୟିତ୍ରୀଙ୍କ ସହ ସମସ୍ତେ ଶିକ୍ଷକ ଶିକ୍ଷୟିତ୍ରୀ ଓ ସଂଘ ଜିଲ୍ଲା ଶିକ୍ଷାଅଧିକାରୀ, ଜିଲ୍ଲାପାଳଙ୍କୁ ଭେଟି ଅଭିଯୁକ୍ତ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ଯଦି ଅଭିଯୁକ୍ତ ବିରୋଧରେ କାର୍ଯ୍ୟାନୁଷ୍ଠାନ ବିଳମ୍ବ ହୁଏ ତେବେ ସୋମବାର ଠାରୁ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସଂଘ କହିଛି। ଅନ୍ୟପଟେ ଜିଲ୍ଲା ଶିକ୍ଷା ଅଧିକାରୀ ପବିତ୍ର ବାରିକ ଘଟଣାକୁ ନିନ୍ଦା କରିବା ସହ ଅଭିଯୁକ୍ତ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି।

## ପଞ୍ଚାମୁଣ୍ଡାଇରେ ଗୁରୁଦିବସ



ପଞ୍ଚାମୁଣ୍ଡାଇ (ରା.ମି) : ପଞ୍ଚାମୁଣ୍ଡାଇ କୋର୍ଟ ପରିସରରେ ଥିବା ଓକିଲ ସଂଘ କାର୍ଯ୍ୟାଳୟରେ ମହାନ୍ ଦାର୍ଶନିକ, ଭାରତର ପୂର୍ବତନ ରାଷ୍ଟ୍ରପତି ସର୍ବପଲ୍ଲୀ ରାଧାକ୍ରିଷ୍ଣଙ୍କ ଜନ୍ମ ଦିବସ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଓକିଲ ସଂଘ ଉପ ସଭାପତି ଗୋପୀନାଥ ତ୍ରିପାଠୀ, ସମ୍ପାଦକ ରବିନ୍ଦ୍ର କୁମାର ଦାଶ, ଯୁଗ୍ମ ସଂପାଦକ କୁମାର ସତ୍ୟନାରାୟଣ ନାୟକ, ପାଠାଗାର ସଂପାଦିକା ସିନାରାଣୀ ଓଝା, ବରିଷ୍ଠ ଆଇନଜୀବୀ ଭୀମସେନ ପ୍ରଧାନ, ବିଜ୍ଞାନ ମିହିର ଜେନା, ବରିଷ୍ଠ ଆଇନଜୀବୀ ସୁରେଶ କୁମାର ନରେନ୍ଦ୍ର, ସରକାରୀ ଓକିଲ ସୁଶାନ୍ତ କୁମାର ସାମଲ, ଶିଶିର କୁମାର ମଲ୍ଲିକ, ବିଜୟ ରାଉତ, ପ୍ରକାଶ ପାତ୍ର, ନନ୍ଦ ଦୁଲାଲ ଜେନା, ପବିତ୍ର ବେରା, ଚପଳାଂସୁ ବେରା ପ୍ରମୁଖ ଯୋଦଗେଇ ଗୁରୁ ଦିବସ ପାଳନ କରିବା ସହ ଗୁରୁ ଶିଷ୍ୟର ନିଆରା ସମ୍ପର୍କକୁ ମନେପକାଇ ଥିଲେ।

# ଭିତରକନିକାରେ ଦେଶୀୟ ପକ୍ଷୀ ଗଣନା



କେନ୍ଦ୍ରାପଡ଼ା (ରା.ମି) : ଭିତରକନିକାରେ ଦେଶୀୟ ପକ୍ଷୀ ଗଣନା ଆରମ୍ଭ ହୋଇ ଯାଇଛି। ସକାଳ ୬ରୁ ଦିନ ୧୨ଟା ପର୍ଯ୍ୟନ୍ତ ପକ୍ଷୀ ଗଣନା କରାଯାଇଛି। ପକ୍ଷୀ ଗଣନା କରିଛନ୍ତି ୪ଟି ଟିମ୍। ପ୍ରତି ଟିମ୍‌ରେ ୫ଜଣ ଲେଖାଏଁ ବନ କର୍ମଚାରୀ ଅଛନ୍ତି। ମଠଆଡିଆ, ଦୁର୍ଗାପ୍ରସାଦ ଡିଆ ଓ ଲକ୍ଷ୍ମୀପ୍ରସାଦ ଡିଆଠାରେ ପକ୍ଷୀ ଗଣନା କରାଯାଇଛି। ମଠଆଡିଆଠାରେ ୩ଟି ଟିମ୍ ନିୟୋଜିତ ହୋଇଥିବା ବେଳେ ଦୁର୍ଗାପ୍ରସାଦ ଡିଆ ଓ ଲକ୍ଷ୍ମୀପ୍ରସାଦ ଡିଆ ଠାରେ ଗୋଟିଏ ଟିମ୍ ନିୟୋଜିତ ହୋଇଛନ୍ତି। ଦେଶୀୟ ପକ୍ଷୀ ଗେଣ୍ଡାଳିଆ, ଦାବେଣ୍ଡିଆ, ଅଞ୍ଜନା, ଖଇରା, ପାଣିକୁଆ, ମଝିଆ ବଗ, ଛୋଟ ବଗ, ରାଣୀ ବଗ, କାପର ଖାଇ, ଅନ୍ଧାରିଆ ବଗ, ଭଳି ଦେଶୀୟ ପକ୍ଷୀଙ୍କ ଗଣନା କରାଯାଉଛି। ବନଖଣ୍ଡ ଅଧିକାରୀଙ୍କ କହିବା କଥା ହେଉଛି "ବର୍ଷା ଋତୁରେ ଏହି ଗଣନା ହୋଇଥାଏ। କାରଣ ବର୍ଷା ଋତୁରେ ଏଠାରେ ପର୍ଯ୍ୟାପ୍ତ ପରିମାଣର ଖାଦ୍ୟ ଥାଏ। ଅଣ୍ଡା ଦେବା ସମୟ ଆସିଲେ ଏହି ପକ୍ଷୀମାନେ ଅନ୍ୟତ୍ର ଚାଲି ଯାଇଥାନ୍ତି। ଜାତୀୟ ଉଦ୍ୟାନ ସଂଲଗ୍ନ ବ୍ରାହ୍ମଣୀ ନଦୀରେ ଥିବା ଲକ୍ଷ୍ମୀପ୍ରସାଦ ଡିଆ, ଦୁର୍ଗାପ୍ରସାଦ ଡିଆ ଓ ବାଲିଡିଆରେ ପକ୍ଷୀମାନେ ବଂଶ ବିସ୍ତାର ପାଇଁ ବସା ବାନ୍ଧିଛନ୍ତି। ପ୍ରତିଦିନ ସକାଳେ ଓ ସନ୍ଧ୍ୟାରେ ଭିତରକନିକା ଜାତୀୟ ଉଦ୍ୟାନରୁ ବାହାରି ବିଭିନ୍ନ ଅଞ୍ଚଳକୁ ଉଡ଼ି ଯାଉଛନ୍ତି ଓ ଫେରୁଛନ୍ତି। ଯାହାକି ଭିତରକନିକାର ଶୋଭାବର୍ଦ୍ଧନ କରୁଛି। ସକାଳ ହେଲେ ପକ୍ଷୀମାନେ ଚାଷ ଜମି ଗାଁ ନିକଟ ପୋଖରୀ, ପାଣିନାଳରେ ସେମାନେ ପହଁରିବା ସହିତ ବୁଲି ଖାଦ୍ୟ ସଂଗ୍ରହ କରୁଥିବା ଦେଖିବାକୁ ମିଳିଛି।

## ବାୟାବାବାଙ୍କ ଜନ୍ମମାଟିରେ ଗୁରୁପୂର୍ଣ୍ଣିମା



ରାଜନଗର (ରା.ମି) : ନାମାଚାର୍ଯ୍ୟ ଶ୍ରୀମଦ୍ ବାୟାବାବାଙ୍କ ଜନ୍ମମାଟି ରାଜନଗର ବ୍ଲକ କେରେଡ଼ାଗଡ଼ ସ୍ଥିତ ବାୟାବାବାଙ୍କ ଆଶ୍ରମରେ ଗୁରୁ ପୂର୍ଣ୍ଣିମା ଅନୁଷ୍ଠିତ ହୋଇ ଯାଇଛି। ସମଗ୍ର ଭାରତ ବର୍ଷରେ ନିଜର ଆଧ୍ୟାତ୍ମିକ ଜ୍ଞାନ ବଳରେ ଅମର ହୋଇଥିବା ଏହି ଯୋଗଜନ୍ମା ମହାପୁରୁଷ ରାଜନଗର ମାଟିରେ ଜନ୍ମଲାଭ କରି ଏହି ମାଟିକୁ ଧନ୍ୟ କରିଛନ୍ତି। ଦେଶର ନାନା ପ୍ରାନ୍ତରେ ତାଙ୍କର ଆଶ୍ରମ ରହିଛି। ଗୁରୁ ପୂର୍ଣ୍ଣିମା ତାଙ୍କର ଅନେକ ଆଶ୍ରମରେ ପାଳିତ ହୋଇଥିଲେ ମଧ୍ୟ ନିଜ ଜନ୍ମ ମାଟିରେ ନିଆରା ଢ଼ଙ୍ଗରେ ପାଳିତ ହେବା ଭକ୍ତପ୍ରେମୀ ଓ ଲକ୍ଷଲକ୍ଷ ଜନସାଧାରଣଙ୍କୁ ମଗ୍ନ କରିଛି। ପ୍ରତ୍ୟୁଷରେ ବାବାଙ୍କ ମଙ୍ଗଳ ଆଳତି, ବାଲଧୂପ, ୧୦୮ କଳସ ଜଳରେ ବାବାଙ୍କୁ ମହାଭିଷେକ କରାଯାଇଥିଲା। ଭଜନ, କଥାମୃତରେ ସ୍ଥାନୀୟ ପରିବେଶ ଆଧ୍ୟାତ୍ମିକତାରେ ମହକି ଯାଇଥିଲା।

### ଚୁଲିକୁ ଗଲାଣି ଅସ୍ମିତା

# କେନ୍ଦ୍ରାପଡ଼ାରେ ଶିକ୍ଷା ବ୍ୟବସ୍ଥାର ନଗ୍ନ ଚିତ୍ର

## ୨ ଶିକ୍ଷକରେ ୬ ଶ୍ରେଣୀର ପାଠପଢ଼ା

ରାଜନଗର (ରା.ମି) : କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକରେ ବିପର୍ଯ୍ୟସ୍ତ ହୋଇଯାଇଛି ଶିକ୍ଷା ବ୍ୟବସ୍ଥା। ମାତ୍ର ଦୁଇଜଣ ଶିକ୍ଷକରେ ଚାଲିଛି ବିଦ୍ୟାଳୟ। ରାଜନଗର ବ୍ଲକ ମହିଁଷାସୁର ପ୍ରାଥମିକ ବିଦ୍ୟାଳୟରୁ ଆସିଛି ଏପରି ନଗ୍ନ ଚିତ୍ର। ଗୋଟିଏ କୋଠରୀରେ ୬ଟି ଶ୍ରେଣୀର ଛାତ୍ରଛାତ୍ରୀ ବସୁଥିବା ବେଳେ ୨ଜଣ ଶିକ୍ଷକ ୬ଟି ଶ୍ରେଣୀର ପିଲାଙ୍କୁ ପାଠ ପଢାଉଛନ୍ତି। ପିଲାଙ୍କ ବସିବା ପାଇଁ ଶ୍ରେଣୀଗୃହ ନଥିବାରୁ ଗୋଟିଏ କୋଠରିରେ ସମସ୍ତ ୬ଟି ଶ୍ରେଣୀର ୮୩ ଜଣ ଛାତ୍ରଛାତ୍ରୀ ବସୁଛନ୍ତି। ବିଦ୍ୟାଳୟର ୨ଜଣ ଶିକ୍ଷକ ଶିକ୍ଷୟତ୍ରୀ ଗୋଟିଏ କୋଠରୀରେ ଏକ ସମୟରେ ୬ଟି ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ପାଠ ପଢାଉଛନ୍ତି। ୨ଜଣ ଶିକ୍ଷକ ଏକା ସମୟରେ ପଢାଇଲେ ଛାତ୍ରଛାତ୍ରୀମାନେ କାହା କଥା ଶୁଣିବେ ଦ୍ୱନ୍ଦରେ ପଡୁଛନ୍ତି। ଶିକ୍ଷା ବ୍ୟବସ୍ଥାର ଏପରି ଚିତ୍ର ଦେଖି ଲାଗୁଛି ସତରେ ଓଡ଼ିଶା କେତେ ପଛରେ ଅଛି। ସରକାର ଓଡ଼ିଆ ଅସ୍ମିତାର ଡ଼ିଣ୍ଡିମ ପିଟୁଥିବା ବେଳେ କିପରି ଚାଲିଛି ପ୍ରାଥମିକ ଶିକ୍ଷା ତାହା ଭାତ ହାଣ୍ଡିରୁ ଗୋଟିଏ ଭାତ ଚିହ୍ନିଲା ପରି ଏଥିରୁ ଅନୁମେୟ ହେଉଛି।

# ରାଜନଗର ଇତିହାସରେ ଲିପିବଦ୍ଧ ହେଲା
# ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟର ପ୍ରୟାସ

## ସଂସ୍କୃତରେ ସର୍ବୋଚ୍ଚ ନମ୍ବର ରଖିଥିବା କୃତି ଛାତ୍ରଛାତ୍ରୀଙ୍କୁ ରାଜଭୂମି ଓ ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟ ପକ୍ଷରୁ ପୁରସ୍କାର

କେନ୍ଦ୍ରାପଡ଼ା (ରା.ମି) : କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକର ସମ୍ଭ୍ରାନ୍ତ ଶିକ୍ଷାନୁଷ୍ଠାନ ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟରେ ରାଜଭୂମି ମିଡ଼ିଆ ଓ ମହାବିଦ୍ୟାଳୟର ମିଳିତ ସହଯୋଗରେ ସଂସ୍କୃତରେ ଅଧିକ ନମ୍ବର ରଖିଥିବା ରାଜନଗର ବ୍ଲକର ସମସ୍ତ ହାଇସ୍କୁଲର ଛାତ୍ରଛାତ୍ରୀମାନଙ୍କୁ ସ୍ୱତନ୍ତ୍ର ଭାବେ ମାନପତ୍ର, ପୁଷ୍ପଗୁଚ୍ଛ ଓ ପ୍ରୋତ୍ସାହନ ରାଶି ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଅଛି। ଅନୁଷ୍ଠାନର ଅଧ୍ୟକ୍ଷ ଡକ୍ଟର ଘନଶ୍ୟାମ ମିଶ୍ରଙ୍କ ପୌରାହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଅଧ୍ୟାପିକା ତନୁଶ୍ରୀ ମିଶ୍ର ସଂଯୋଜନା କରିଥିଲେ। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ତହସିଲଦାର ଆଶିଷ କୁମାର ଜେନା, ମୁଖ୍ୟବକ୍ତା ଭାବେ ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଅଭିଜ୍ଞ ଶିକ୍ଷକ ଶରତ ଚନ୍ଦ୍ର ମହାପାତ୍ର, ସମ୍ମାନିତ ଅତିଥି ଭାବେ ରାଜଭୂମି ମିଡ଼ିଆର ଚେୟାରମ୍ୟାନ ପବିତ୍ର ବ୍ରହ୍ମପୁତ୍ର ନାୟକ,




ସମ୍ବାଦପତ୍ର 'ସୁଶାସନ'ର ସଂପାଦକ ଭାସ୍କର ରାଉତରାୟ, ଅନୁଷ୍ଠାନର ପ୍ରାକ୍ତନ ଅଧ୍ୟକ୍ଷ ଅକ୍ଷୟ କୁମାର ମିଶ୍ର ଓ ବିକ୍ରମାଦିତ୍ୟ ଦାସ ଯୋଗଦେଇ ସଂସ୍କୃତ ଭାଷା ମହନିୟତା ସମ୍ପର୍କରେ ଆଲୋକପାତ କରିଥିଲେ। ରାଜଭୂମି ମିଡ଼ିଆର ଚେୟାରମ୍ୟାନ ଶ୍ରୀ ନାୟକ ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟର ଅଭିନବ ପ୍ରୟାସ ରାଜନଗର ଇତିହାସରେ ଲିପିବଦ୍ଧ ହେଲା ଓ ଡକ୍ଟର ଘନଶ୍ୟାମ ମିଶ୍ରଙ୍କ ଭଳି ଅଧ୍ୟକ୍ଷ ସବୁ ଅନୁଷ୍ଠାନ ପାଇଲେ କୃତି ଛାତ୍ରଛାତ୍ରୀ ସୃଷ୍ଟି ହେବା ସହ ଶିକ୍ଷାର ବିକାଶ ସହଜରେ ପ୍ରାପ୍ତ ହେବ ବୋଲି କହିଥିଲେ। ଏହି ଅବସରରେ ରାଜନଗର ଅଞ୍ଚଳର ଜଣେ ବିଶିଷ୍ଟ ଆୟୁର୍ବେଦ ଚିକିତ୍ସିକ ଡାକ୍ତର ବଟକୃଷ୍ଣ ମିଶ୍ରଙ୍କ ସ୍ମୃତି ଉଦ୍ଦେଶ୍ୟରେ ମେଧାବୃତ୍ତି କୃତି ଛାତ୍ରଛାତ୍ରୀଙ୍କୁ ମଧ୍ୟ ପ୍ରଦାନ କରାଯାଇଥିଲା। ଅଧ୍ୟାପକ ଆଦିତ୍ୟ ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ ଓ ଅଧ୍ୟାପକ ନିହାର ରଞ୍ଜନ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

# ଜନତା ଦଳର ବିଭାଜନ ମତେ ଦୁଃଖ ଦେଇଥିଲା : ପ୍ରମୋଦ ସାହୁ



**ପାଠ ପଢ଼ିବା ପାଇଁ ସଂଘର୍ଷ, ଜୀଇଁବା ପାଇଁ ସଂଘର୍ଷ, ଆଗକୁ ବଢ଼ିବା ପାଇଁ ସଂଘର୍ଷ, ଏଇ ସଂଘର୍ଷରୁ ହିଁ ଆରମ୍ଭ ହୁଏ ପ୍ରମୋଦ ସାହୁଙ୍କ ଜୀବନର ଯାତ୍ରା, ଛାତ୍ର ରାଜନୀତିରେ ସଫଳ, ଭେଟେରାନ୍ ରାଜନେତାଙ୍କ ଦ୍ୱାରା ଅନୁପ୍ରାଣୀତ ହୋଇ ସମାଜର ସେବା କରିବାରେ ସେ ନିଜକୁ ସମର୍ପି ଦିଅନ୍ତି, ସମବାୟ ସମିତି ପ୍ରତିଷ୍ଠା କରି ହଜାର ହଜାର ଲୋକଙ୍କୁ ସହଯୋଗର ହାତ ବଢ଼ାନ୍ତି ଶ୍ରୀ ସାହୁ, ସମାଜସେବାରେ ପାଲଟି ଯାଆନ୍ତି ଏକ ଆଦର୍ଶ, ଯଉଠି ଜନପ୍ରତିନିଧିମାନେ ପହଞ୍ଚି ପାରନ୍ତି ନାହିଁ, ସେଇଠି ପାଦ ପଡ଼େ ପ୍ରମୋଦ ସାହୁଙ୍କର। ସେ ଗରିବ, ଅସହାୟ, ନିରାଶ୍ରୟ ବ୍ୟକ୍ତି ବିଶେଷ ହୁଅନ୍ତୁ କି ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିବା ମେଧାବୀ ଛାତ୍ରଛାତ୍ର କିମ୍ବା ହୁଅନ୍ତୁ ରୋଗୀ କିମ୍ବା ସର୍ବସ୍ୱ ହରାଇଥିବା ଜଣେ ମାମୁଲି ମଣିଷ ଶ୍ରୀ ସାହୁଙ୍କ ହାତ ଲମ୍ବି ଆସେ ତାଙ୍କ ପାଖକୁ। ବନ୍ୟା, ବାତ୍ୟା, ଦୁର୍ବିପାକ ପରି ପ୍ରାକୃତିକ ବିପର୍ଯ୍ୟୟ ବେଳେ ସହଯୋଗର ହାତ ବଢ଼ାଇ ଆସୁଥିବା ଜଣେ ଆଦର୍ଶବାନ୍, ପ୍ରେରଣାଦାୟୀ ବ୍ୟକ୍ତିତ୍ୱ ପ୍ରମୋଦ ସାହୁଙ୍କ ସହ ଆମର ସ୍ୱତନ୍ତ୍ର ସାକ୍ଷାତ୍କାର ...**

**ପ୍ରଶ୍ନ ୧ : ଆପଣଙ୍କ ଦୃଷ୍ଟିରେ ସମାଜସେବା କିପରି ?**

**ଉତ୍ତର ୧ :** ସମାଜସେବାର ଅର୍ଥ ହେଉଛି ବ୍ୟାପକ ଏବଂ ଏହାର ପରିସର ପର୍ଯ୍ୟାପ୍ତ। ଯେକୌଣସି ବ୍ୟକ୍ତି ବା ଅନୁଷ୍ଠାନ ସମାଜସେବା କରିବାକୁ ଚାହିଁଲେ ଯେକୌଣସି କ୍ଷେତ୍ର ବା ଯେକୌଣସି ବର୍ଗକୁ ସମାଜସେବାରେ ସାମିଲ କରି ପାରିବ।

**ପ୍ରଶ୍ନ୨ : ଆପଣଙ୍କ ପିଲାଦିନ କିପରି ଥିଲା ?**

**ଉତ୍ତର ୨ :** ପିଲାଦିନେ ମୋ ଜୀବନ ଅତି ଦୁଃଖ କଷ୍ଟ ସଙ୍ଘର୍ଷମୟରେ ବିତିଥିଲା। ମୋ ପରିବାରର ଆର୍ଥିକ ସ୍ଥିତି ଭାରି ଦୟନୀୟ ଥିଲା। ପାଠ ପଢ଼ିବାକୁ ଠୁଙ୍ଗା ଓ କଦଳୀ ବିକିବାକୁ ପଡୁଥିଲା ଏପରିକି ମୁଁ କିଛିଦିନ ଟ୍ୟୁସନ୍ କରି ପାଠ ପଢ଼ିଛି।

**ପ୍ରଶ୍ନ ୩ : ଆପଣଙ୍କ ସ୍ୱପ୍ନର କେନ୍ଦ୍ରାପଡ଼ା କିପରି ?**

**ଉତ୍ତର ୩ :** ଏକ ସ୍ୱାବଲମ୍ବୀ ଏବଂ ସବୁଦୃଷ୍ଟିରୁ ସମୃଦ୍ଧଶାଳୀ କେନ୍ଦ୍ରାପଡ଼ା ମୋର ସ୍ୱପ୍ନ, ଯେଉଁଠି ପ୍ରତ୍ୟେକ ଅଧିବାସୀ ବିନା ଭୋକରେ ବିନା ଦୁଃଖ କଷ୍ଟରେ ଏବଂ ସୁଦୃଢ଼ ଆର୍ଥିକ ସ୍ଥିତିରେ ଜୀବନ ବିତାଇ ପାରିବେ। କୃଷି, ପର୍ଯ୍ୟଟନ ଓ ଜଳ ସଂପଦ ତଥା ଜଙ୍ଗଲ ସଂପଦର ଉପଯୁକ୍ତ ବିନିଯୋଗ ହେଲେ ସାମଗ୍ରିକ ଦୃଷ୍ଟିରେ କେନ୍ଦ୍ରାପଡ଼ା ବିକଶିତ ହୋଇ ପାରିବ। ଏହା ଦ୍ୱାରା ଆମ କେନ୍ଦ୍ରାପଡ଼ା ଜିଲ୍ଲା ଲୋକ ରାଜ୍ୟ ବାହାର କିମ୍ବା ଦେଶ ବାହାରକୁ ଦାଦନ ଖଟିବାକୁ ଯିବେ ନାହିଁ ଏବଂ ବେକାରୀ ସମସ୍ୟା ଦୂର ହେବ।

**ପ୍ରଶ୍ନ ୪ : ଆପଣଙ୍କ ରାଜନୈତିକ ଜୀବନ କିପରି ଥିଲା ?**

**ଉତ୍ତର ୪ :** କେନ୍ଦ୍ରାପଡ଼ା ହାଇସ୍କୁଲରେ ପାଠ ପଢ଼ିବା ବେଳଠୁ ମୋତେ ଜାତୀୟ ଗୌରବ ମଧୁସୂଦନ ଦାସ ଏବଂ ଜାତୀୟମଣି ଗୋପବନ୍ଧୁ ଦାସଙ୍କ ଜୀବନୀ ମତେ ରାଜନୀତି ପ୍ରତି ଆକୃଷ୍ଟ କରିଥିଲା, ୧୯୮୦ ମସିହାରେ ଏବେର ରାଜସ୍ୱ ଓ ବିପର୍ଯ୍ୟୟ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ନେତୃତ୍ୱରେ ଓଡ଼ିଶାରେ ଏକ ବିଶାଳ ଓ ଶକ୍ତିଶାଳୀ ଛାତ୍ର ଆନ୍ଦୋଳନ ହୋଇଥିଲା। ଏହି ଆନ୍ଦୋଳନ ତତ୍କାଳୀନ କେନ୍ଦ୍ରରେ ସ୍ୱର୍ଗତ ଇନ୍ଦିରା ଗାନ୍ଧୀଙ୍କ ସରକାର ଓ ରାଜ୍ୟର ତତ୍କାଳୀନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ସରକାରଙ୍କ ମୁଣ୍ଡ ବିନ୍ଧାର କାରଣ ହୋଇଥିଲା। ଛାତ୍ର ଆନ୍ଦୋଳନରେ ମୁଁ ସମଗ୍ର କେନ୍ଦ୍ରାପଡ଼ା ଜିଲ୍ଲାରେ ହାଇସ୍କୁଲ୍ସ୍ତରୀୟ ଛାତ୍ରମାନଙ୍କର ନେତୃତ୍ୱ ନେଉଥିଲି। ପରେ ୧୯୮୧ ମସିହାରେ କେନ୍ଦ୍ରାପଡ଼ା କଲେଜର ଛାତ୍ର ସଂସଦ ନିର୍ବାଚନରେ ସହ ସଂପାଦକ ଭାବେ ନିର୍ବାଚିତ ହେବା ପରେ କେନ୍ଦ୍ରାପଡ଼ାର ତତ୍କାଳୀନ ସାଂସଦ ତଥା ରାଷ୍ଟ୍ରନାୟକ ବିଜୁ ପଟ୍ଟନାୟକଙ୍କ ସହିତ ପରିଚୟ ହେଲା, ପରେ ୧୯୮୩ ମସିହାରେ କେନ୍ଦ୍ରାପଡ଼ା କଲେଜରେ ଛାତ୍ର ସଂସଦ ସଭାପତି ଥିବା ବେଳେ ପୁନର୍ବାର ସୁରେଶ ପୂଜାରୀ ଏବଂ ସ୍ୱର୍ଗତ ସୂର୍ଯ୍ୟ ବହିଦାରଙ୍କ ନେତୃତ୍ୱରେ ବୁର୍ଲା ଛାତ୍ର ଆନ୍ଦୋଳନ ମାରୁଓ୍ୱାର୍ଡ଼ିମାନଙ୍କ ବିରୁଦ୍ଧରେ ସାରା ଓଡ଼ିଶାରେ ମୁଣ୍ଡ ଟେକିଥିଲା। ସେହି ଆନ୍ଦୋଳନରେ ସକ୍ରିୟ ଭାବରେ ନେତୃତ୍ୱ ନେବା ସମୟରେ କଟକ ଜିଲ୍ଲାପାଳଙ୍କ ଅଫିସ୍ ସମ୍ମୁଖରେ ମୁଁ ଏବଂ ବର୍ତ୍ତମାନର ଢେଙ୍କାନାଳର ସାଂସଦ ରୁଦ୍ର ପାଣି ଏବିଭିପିର ତତ୍କାଳୀନ ସଂପାଦକ ନରେଶ ମହାପାତ୍ର ପ୍ରମୁଖ ଗିରଫ ହୋଇଥିଲୁ। ସେହି ସମୟରେ ମୁଁ ଆନୁଷ୍ଠାନିକ ଭାବରେ ଜନତା ଦଳର ଜିଲ୍ଲା ଛାତ୍ର ଓ ଯୁବ ଶାଖାରେ କେନ୍ଦ୍ରାପଡ଼ା ଜିଲ୍ଲା ସଭାପତି, ରାଜ୍ୟ ସାଧାରଣ ସଂପାଦକ ଏବଂ ପରବର୍ତ୍ତୀ ସମୟରେ ସ୍ୱର୍ଗତ ଶରତ ଯାଦବଙ୍କ ନେତୃତ୍ୱାଧୀନ ଜନତା ଦଳର କେନ୍ଦ୍ରୀୟ ସାଧାରଣ ସଂପାଦକ ଏବଂ ଏସ୍‌ଡ଼ି ଦେବଗୌଡ଼ାଙ୍କ ନେତୃତ୍ୱାଧୀନ ଧର୍ମ ନିରପେକ୍ଷ ଜନତା ଦଳର ଯୁବଶାଖାର କେନ୍ଦ୍ରୀୟ ଉପ ସଭାପତି ଓ ଜାତୀୟ କାର୍ଯ୍ୟକାରିଣୀ ସଭ୍ୟ ଭାବରେ ରହିଥିଲି। ରାଜ୍ୟର ଅଶୋକ ଦାସଙ୍କ ବିୟୋଗ ପରେ ଜନତା ଦଳ(ଏସ୍)ର ସ୍ଥିତି ଦୁର୍ବଳ ହୋଇଯିବାରୁ କିଛିଦିନ ପାଇଁ ବିଜେଡ଼ିର ରାଜ୍ୟ ସଂପାଦକ ଭାବେ ଦାୟିତ୍ୱ ତୁଲାଇଥିଲି ଓ ପରବର୍ତ୍ତୀ ସମୟରେ ଇସ୍ତଫା ଦେଇଥିଲି।

**ପ୍ରଶ୍ନ ୫ : ଏକ ସମବାୟ ସମିତିର ପ୍ରାଣ ପ୍ରତିଷ୍ଠାତା ଭାବେ ଆପଣ କେଉଁ ସ୍ୱପ୍ନ ନେଇ ଏହା ଆରମ୍ଭ କରିଥିଲେ ?**

**ଉତ୍ତର ୫ :** ଦେଶରେ ଯେତେବେଳେ ଜନତା ଦଳର ବିଭାଜନ ଘଟିଲା, ଏହା ମତେ ଦାରୁଣ ଦୁଃଖ ଦେଇଥିଲା, ମୁଁ ଲୋକଙ୍କୁ ଛାଡ଼ି ରହିବା ମୋ ପକ୍ଷେ ଅସମ୍ଭବ ଥିଲା, ତେଣୁ ଏହି ଅଭାବକୁ ପୂରଣ କରିବା ପାଇଁ ମୁଁ ଏକ ସମବାୟ ସମିତି ଗଢ଼ିବାର ସ୍ୱପ୍ନ ଦେଖିଲି ଓ ଗଢ଼ିଲି ମଧ୍ୟ। ବର୍ତ୍ତମାନ ଅବିଭକ୍ତ କଟକ ଜିଲ୍ଲା ପରିସୀମାକୁ ନେଇ କେନ୍ଦ୍ରାପଡ଼ା କ୍ରେଡ଼ିଟ୍ କୋ ଅପରେଟିଭ୍ ଲିଃ ଓ କୃଷକ ବିକାଶ ସମବାୟ ସମିତି ଲିଃ ଗଠନ କରି ଜନହିତରେ ଉତ୍ସର୍ଗୀକୃତ ଭାବେ କାର୍ଯ୍ୟ ଜାରି ରଖିଛି।

**ପ୍ରଶ୍ନ ୬ : ଭବିଷ୍ୟତରେ ଆପଣଙ୍କ ରାଜନୈତିକ ପରିକଳ୍ପନା କଣ ଏବଂ କ୍ଷମତା ରାଜନୀତିକୁ ଆପଣ ଆସିବେ କି ?**

**ଉତ୍ତର ୬ :** ଜାତୀୟମଣି ଗୋପବନ୍ଧୁ ଦାସ, ଜାତୀୟଗୌରବ ମଧୁସୂଦନ ଦାସଙ୍କ ଜୀବନୀ ପଠନରୁ ପ୍ରେରଣା ପାଇ ମୁଁ ରାଜନୀତିକୁ ଆସିଛି। ବିଶେଷ କରି ଲୋକନାୟକ ଜୟପ୍ରକାଶ ନାରାୟଣ ଏବଂ ବିଶିଷ୍ଟ ସମାଜବାଦୀ ନେତା ଡକ୍ଟର ରାମମନୋହର ଲୋହିଆ ଏବଂ ରାଷ୍ଟ୍ରନାୟକ ତଥା ମହାନ୍ ଜନସେବକ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ନୀତି, ଆଦର୍ଶ ଓ କାର୍ଯ୍ୟଶୈଳୀରେ ଅନୁପ୍ରାଣୀତ ହୋଇ ରାଜନୈତିକ ଜୀବନରେ ଆଜି ପର୍ଯ୍ୟନ୍ତ ତିଷ୍ଠିଛି। ଭବିଷ୍ୟତରେ ଏମାନଙ୍କ ଆଦର୍ଶରେ ବିଶ୍ୱାସ କରୁଥିବା ଯେକୌଣସି ରାଜନୈତିକ ଶକ୍ତିରେ ମୁଁ ସାମିଲ ହୋଇ କାର୍ଯ୍ୟ କରିବାର ଇଚ୍ଛା ରହିଛି।

# ଓଡ଼ିଶାରୁ ୨ରୁ ୩ ଜଣ ସାଂସଦ

## କେନ୍ଦ୍ର ମନ୍ତ୍ରୀମଣ୍ଡଳରେ ସାମିଲ୍ ହୋଇପାରନ୍ତି

ଭୁବନେଶ୍ୱର (ରା.ମି) : କେନ୍ଦ୍ରୀୟ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣକୁ ନେଇ ଚର୍ଚ୍ଚା ଜୋର ଧରିଛି। ମୋଦୀ ମନ୍ତ୍ରୀମଣ୍ଡଳରେ କିଏ ସ୍ଥାନ ପାଇବେ ତାହାକୁ ନେଇ କଳ୍ପନାଜଳ୍ପନା ଲାଗି ରହିଛି। ଓଡ଼ିଶାରୁ ୨ ରୁ ୩ଜଣ ସାଂସଦଙ୍କୁ ମନ୍ତ୍ରୀ କରାଯାଇପାରେ ବୋଲି ଚର୍ଚ୍ଚା ହେଉଛି। ଏହି ପ୍ରସଙ୍ଗରେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ କହିଛନ୍ତି, କେନ୍ଦ୍ର ମନ୍ତ୍ରିମଣ୍ଡଳ କେବେ ସମ୍ପ୍ରସାରିତ ହେବ, ସେ ସମ୍ପର୍କରେ ସୂଚନା ଓ ଚୂଡ଼ାନ୍ତ ନିଷ୍ପତ୍ତି କେବଳ ପ୍ରଧାନମନ୍ତ୍ରୀ ହିଁ ନେବେ। ଦୀର୍ଘଦିନ ହେବ କେନ୍ଦ୍ର ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣକୁ ନେଇ ଗଣମାଧ୍ୟମରେ ବିଭିନ୍ନ ଆଲୋଚନା ଚାଲିଛି। ତେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନୂଆ ଚେହେରାମାନଙ୍କୁ ସୁଯୋଗ ଦେଇ ନୂତନ ମନ୍ତ୍ରିମଣ୍ଡଳ ଗଠନ କରିବାର ଯଥେଷ୍ଟ ସମ୍ଭାବନା ରହିଛି। ଓଡ଼ିଶାର ପ୍ରଦର୍ଶନ ଏବଂ ପ୍ରତିନିଧିତ୍ୱ ସମ୍ପର୍କରେ କହିବାକୁ ଯାଇ ସାଂସଦ ପ୍ରଦୀପ ପୁରୋହିତ ପ୍ରକାଶ କରିଛନ୍ତି ଯେ, ପୂର୍ବରୁ ଓଡ଼ିଶାରୁ କମ୍ ସାଂସଦ ଥିବା ସମୟରେ ମଧ୍ୟ ପ୍ରଧାନମନ୍ତ୍ରୀ ରାଜ୍ୟକୁ ବିଶେଷ ଗୁରୁତ୍ୱ ଦେଉଥିଲେ। ଓଡ଼ିଶା ସବୁବେଳେ ପ୍ରଧାନମନ୍ତ୍ରୀଙ୍କ ପ୍ରାଥମିକତା ଓ ଫୋକସ୍‌ରେ ରହିଆସିଛି। ମନ୍ତ୍ରିମଣ୍ଡଳରେ ଯିଏ ସାମିଲ ହେବେ, ତାଙ୍କ ସମ୍ପର୍କରେ ପ୍ରଧାନମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦିଗକୁ ଅନୁଧ୍ୟାନ କରୁଛନ୍ତି। ସାଂସଦମାନଙ୍କ କାର୍ଯ୍ୟଦକ୍ଷତା, କ୍ଷେତ୍ରସ୍ତରରେ ସେମାନଙ୍କ ଗ୍ରହଣଯୋଗ୍ୟତା, ପ୍ରଦର୍ଶନ ଏବଂ ସାଧାରଣରେ ସେମାନଙ୍କ ଚେହେରା ଓ ଛବି କିପରି ରହିଛି, ଏହି ସବୁ ଆଧାରରେ ରିପୋର୍ଟ ପ୍ରସ୍ତୁତ କରାଯାଇ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

# ହାତ କାଟିଦେବେ ଜୁଏଲ୍



ରାଉରକେଲା (ରାମି) : କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ତଥା ସୁନ୍ଦରଗଡ଼ ସାଂସଦ ଜୁଏଲ୍ ଓରାମଙ୍କ କେଇପଦ କଥା ଏବେ ରାଜ୍ୟ ରାଜନୀତିକୁ ସରଗରମ କରିଛି। ତାଙ୍କ ରେପୁଟେସନ୍‌କୁ ଯିଏ ବଦନାମ କରିବ ସିଏ ତାଙ୍କ ହାତକୁ କାଟି ଫିଙ୍ଗିଦେବେ ଓ ତାଙ୍କୁ ଅପଦସ୍ଥ କଲେ ଜାଲି ସଫା କରିଦେବେ ବୋଲି ସେ ଗଣମାଧ୍ୟମ ସମ୍ମୁଖରେ କହିଛନ୍ତି। କିଛି ବର୍ଷ ତଳେ ସେ ଆଉ ନିର୍ବାଚନ ଲଢ଼ିବେନି ବୋଲି କହିଥିଲେ ଦଳର ଜଣେ ସାଧାରଣ କର୍ମୀ ଭାବେ କାମ କରିବେ କହିଥିବା ବେଳେ ଏବେ ସେ ପୁଣି ନିର୍ବାଚନ ଲଢ଼ିବେ ବୋଲି କହିଛନ୍ତି। ରାଉରକେଲାର କିଛି ନେତା ତାଙ୍କ ଭାବମୂର୍ତ୍ତିକୁ ବଦନାମ କରିବା ପାଇଁ ଷଡ଼ଯନ୍ତ୍ର କରିବା ସହ ସେ ବଦନାମ ହେଲେ କାଳେ ମନ୍ତ୍ରୀ ମଣ୍ଡଳରେ ସ୍ଥାନ ପାଇଯିବେ ବୋଲି ଚିନ୍ତା କରୁଛନ୍ତି। ସେ କାହା ନାଁ ନେଇ ନଥିବା ବେଳେ ଅନୁମାନ ହେଉଛି ନିକଟରେ ରାଜ୍ୟସଭା ସାଂସଦ ହୋଇଥିବା ରାଉରକେଲାର ନେତା ଦିଲ୍ଲୀପ ରାୟଙ୍କ ଆଡ଼କୁ ସେ ଇଙ୍ଗିତ କରୁଥିବାର। ଅନ୍ୟପକ୍ଷରେ ରାଜ୍ୟ ବିଜେପି ସଭାପତି ଏହାକୁ ଜୁଏଲଙ୍କ ବ୍ୟକ୍ତିଗତ ମତ ବୋଲି କହିଛନ୍ତି।

# ଅକ୍ଟୋବର ୬ରେ ୩ ରାଜ୍ୟରେ ଉପନିର୍ବାଚନ

ନୂଆଦିଲ୍ଲୀ (ରା.ମି) : ଅକ୍ଟୋବର ୬ ତାରିଖରେ ପଶ୍ଚିମବଙ୍ଗ, ତାମିଲନାଡୁ ଓ ପୁଡୁଚେରୀର ୫ ବିଧାନସଭା ଆସନ ଏବଂ ଆସାମର ନଗାଓଁ ଲୋକସଭା ଆସନରେ ଉପନିର୍ବାଚନ ହେବ ବୋଲି ନିର୍ବାଚନ କମିସନ୍ (ଇସି) ତାରିଖ ଘୋଷଣା କରିଛନ୍ତି। ଅକ୍ଟୋବର ୯ ତାରିଖରେ ଭୋଟ୍ ଗଣନା ହେବ। ପଶ୍ଚିମବଙ୍ଗର ନନ୍ଦୀଗ୍ରାମ ଏବଂ ରେଜିନଗରରେ ଉପନିର୍ବାଚନ ହେବାକୁ ଘୋଷମା ହୋଇଥିବା ବେଳେ ନନ୍ଦୀଗ୍ରାମ ଆସନକୁ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଛାଡ଼ିବା ପରେ ଉକ୍ତ ଆସନରେ ପୁଣିଥରେ ନିର୍ବାଚନ ହେବ। ସୂଚନା ଥାଉକି ଶୁଭେନ୍ଦୁ ଅଧିକାରୀ ଉଭୟ ନନ୍ଦୀଗ୍ରାମ ଏବଂ ଭବାନୀପୁର ଆସନରେ ନିର୍ବାଚନ ଲଢ଼ିଥିଲେ ଏବଂ ୨ଟି ଯାକ ଆସନରେ ସେ ଜିତିଥିଲେ। ତେବେ ଭବାନୀପୁରରେ ଶୁଭେନ୍ଦୁ ତୃଣମୂଳ ମୁଖ୍ୟ ମମତା ବାନାର୍ଜୀଙ୍କୁ ହରାଇବା ପରେ ସେ ଏହି ଆସନକୁ ରଖିଛନ୍ତି। ରେଜିନଗର ଆସନ ମଧ୍ୟ ଆମ ଜନତା ଉନ୍ନୟନ ପାର୍ଟି ମୁଖ୍ୟ ହୁମାୟୁନ କବୀର ଛାଡ଼ିବାପରେ ଏହି ଆସନରେ ନିର୍ବାଚନ ହେବ। ହୁମାୟୁନ କବୀର ଜଣେ ପୂର୍ବତନ ଟିଏମ୍‌ସି ନେତା। ସେ ଉଭୟ ରେଜିନଗର ଓ ନଓଡ଼ାରେ ଜିତିବାପରେ ରେଜିନଗର ଆସନରୁ ଇସ୍ତଫା ଦେଇଥିଲେ। ସେହିପରି ତାମିଲନାଡୁରେ ମଦୁରାନ୍ତକମ୍ (ଏସ୍?ସି) ଏବଂ ଧରାପୁରମ୍ (ଏସ୍‌ଟି) ଆସନରେ ଉପନିର୍ବାଚନ ହେବ। ଏହି ୨ଟି ଆସନରେ ଉଭୟ ଏଆଇଏଡିଏମ୍‌କେ ପ୍ରାର୍ଥୀ ନିର୍ବାଚନ ଜିତିଥିଲେ। କିନ୍ତୁ ୨ ବିଧାୟକ ପରେ ମୁଖ୍ୟମନ୍ତ୍ରୀ ବିଜୟ ସରକାରକୁ ସମର୍ଥନ କରି ଇସ୍ତଫା ଦେବାପରେ ଉକ୍ତ ୨ଟି ଆସନରେ ଉପନିର୍ବାଚନ ଦରକାର ପଡ଼ିଛି। ପୁଡୁଚେରୀରେ ଥଟ୍ଟନଚାବଡ଼ୀ ବିଧାନସଭା ଆସନ ମୁଖ୍ୟମନ୍ତ୍ରୀ ଏନ୍ ରଙ୍ଗସ୍ୱାମୀ ଛାଡ଼ିବାପରେ ଉକ୍ତ ଆସନରେ ଉପନିର୍ବାଚନ ହେବ। ଆସାମର ନାଗାଓଁ ଲୋକସଭା ଆସନରେ ମଧ୍ୟ ଉପନିର୍ବାଚନ ହେବ ବୋଲି

# ଏମ୍ଏମ୍‌ଡ଼ିଆର୍‌କୁ ନେଇ ବାଦିପାଲା



## ନବୀନ କହିଲେ : ଓଡ଼ିଶା ପାଇଁ ଏହା କଳା ଦିବସ

## ଭକ୍ତ କହିଲେ : ଭୟଙ୍କର ଆନ୍ଦୋଳନ ହେବ





## ମନମୋହନ କହିଲେ : ପୁରୁଣା ହିସାବ ଦିଅ

ଭୁବନେଶ୍ୱର (ରାଜଭୂମି ମିଡ଼ିଆ) : କେନ୍ଦ୍ର ସରକାର ନିକଟରେ ଖଣି ଓ ଖଣିଜ ଦ୍ରବ୍ୟ ସଂଶୋଧନ ବିଲ୍ ବିନା କୌଣସି ଆଲୋଚନାରେ ଗୃହୀତ କରିବା ପରେ ଓଡ଼ିଶାରେ ଏହାକୁ ନେଇ ରାଜନୀତି ଜୋର୍ ଧରିଛି। ଖଣିଜ ଦ୍ରବ୍ୟ ଭରା ରାଜ୍ୟଗୁଡ଼ିକ ତାର ଅଧିକାରରୁ ବଞ୍ଚିତ ହେବା ସହ ଉପଯୁକ୍ତ ହକ୍ ପାଇ ପାରିବ ନାହିଁ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। ସୂଚନାନୁସାରେ ୨୦୨୪ ମସିହାରେ ସୁପ୍ରିମ୍‌କୋର୍ଟ ଏକ ଐତିହାସିକ ରାୟ ଶୁଣାଇ ଖଣିଜ ଜମି ଉପରେ ଅତିରିକ୍ତ ଟିକସ ବା ସେସ୍ ଲଗାଇବାର କ୍ଷମତା ରାଜ୍ୟଗୁଡ଼ିକୁ ଫେରାଇ ଦେଇଥିଲେ। ସର୍ବୋଚ୍ଚ ନ୍ୟାୟଳୟଙ୍କ ରାୟ ଅନୁସାରେ ୨୦୦୪ର 'ଓରିସେଡ୍' ଆଇନ ପୁନର୍ଜୀବିତ ହେବା ସହ ୨୦୦୫ ମସିହା ଏପ୍ରିଲ୍ ୧ ତାରିଖରୁ ୧୨ଟି ବାର୍ଷିକ କିସ୍ତିରେ ପିଛିଲା ଭାବେ ଟିକସ ଆଦାୟ ପାଇଁ ପଥ ପରିସ୍କାର ହୋଇଥିଲା ନୂତନ ସଂଶୋଧନ ବିଲ୍ ଗୃହୀତ ହେବା ପରେ ଟିକସ ପ୍ରାପ୍ତ ଆଶଙ୍କାରେ ରହିଛି। ଓଡ଼ିଶାର କୋଡ଼ିଏ ଲୋକସଭା ସାଂସଦ ଏ ସଂକ୍ରାନ୍ତରେ ନୀରବତା ପ୍ରକାଶ କରିଥିବା ବେଳେ ବିଜୁ ଜନତା ଦଳର ରାଜ୍ୟ ସଭା ସଦସ୍ୟ ମଧ୍ୟ ଏ ସଂକ୍ରାନ୍ତରେ ସ୍ୱର ଉଠାଇ ନାହାଁନ୍ତି। ନବୀନ ଏହାକୁ ଓଡ଼ିଶା ପାଇଁ କଳା ଦିବସ କହିଥିବା ବେଳେ ଭକ୍ତ ଖୋଲା ବିତର୍କକୁ ଆହ୍ୱାନ କରି ଆନ୍ଦୋଳନର ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ ଚିରାଚରିତ ଢ଼ଙ୍ଗରେ ମନମୋହନ କହିଛନ୍ତି ସାଂସଦମାନଙ୍କୁ ବିଭ୍ରାନ୍ତି କରନାହିଁ, ପୁରୁଣା ହିସାବ ଦିଅ।

# ଭୂଗୋଳ ପୋଥିରୁ ଲିଭିଗଲା ସାଧବ ପୁଅର ଶେଷ ସନ୍ତକ



ରାଜନଗର (ରାଜଭୂମି ମିଡ଼ିଆ) : ଦିନ ଥିଲା ମାଆ ଏଠି ପୂଜା ପାଉଥିଲେ, ସବୁଦିନ ହଜାର ହଜାର ଶ୍ରଦ୍ଧାଳୁଙ୍କ ନାହିଁ ନଥିବ ଭିଡ଼ ଏଠାରେ ଦେଖିବାକୁ ମିଳୁଥିଲା। ମାଆଙ୍କର ହେଉଥିଲା ନିତିଦିନର ନୀତି ଆଳତି। କିମ୍ବଦନ୍ତୀର ଗାଁ ସାତାଭାୟାର ଆରାଧ୍ୟ ଦେବୀ ମା ପଞ୍ଚୁବରାହୀଙ୍କ ପୁରାତନ ମନ୍ଦିରର ଭଗ୍ନାବଶେଷ ସମୁଦ୍ର ଗର୍ଭରେ ଇତିମଧ୍ୟରେ ଲୀନ ହୋଇ ଯାଇଛି। କେହି ବର୍ତ୍ତି ପାରିନି ସମୁଦ୍ରର କରାଳ ଗ୍ରାସରେ, ଜଳବାୟୁ ପରିବର୍ତ୍ତନ ହେତୁ ଧୀରେଧୀରେ କୂଳ ଲଙ୍ଘୁଥିବା ସମୁଦ୍ର ସାତାଭାୟାର ଶେଷ ସ୍ମୃତିଟିକୁ ମଧ୍ୟ ତା ଗର୍ଭକୁ ଟାଣି ନେଇଛି। ଏଠାରେ ଥିବା ଜନବସତିଙ୍କୁ ସରକାର ଥଇଥାନ କରିଛନ୍ତି ବଗପାଟିଆରେ, ମାଆ ମଧ୍ୟ ବଗପାଟିଆର ନବ ନିର୍ମିତ ମନ୍ଦିରରେ ଅବସ୍ଥାପିତ ହୋଇଛନ୍ତି। ଖବର ଅନୁସାରେ ୨୦୧୪ ମସିହାରେ ସାତଭାୟାବାସୀଙ୍କ ଥଇଥାନ ନିମନନ୍ତେ ବଗପାଟିଆରେ ଶିଳାନ୍ୟାସ କରାଯାଇଥିଲା। ମାଆଙ୍କୁ ନବନିର୍ମିତ ମନ୍ଦିରକୁ ସ୍ଥାନାନ୍ତରଣ ପରେ ପୁରାତନ ମନ୍ଦିରଟି ସମୁଦ୍ର କୂଳରେ ଥିଲା। ସାତଭାୟାର କିଛି ପରିବାର ମଇଁଷି ଚରାଇ ଗୁଜୁରାଣ ମେଣ୍ଟାଉ ଥିବାର ଏଠାରେ ରହିଥିଲେ ଏବଂ ସବୁଦିନ ମଇଁଷି ଚରାଇ ନେବା ସହ ପୁରୁଣା ମନ୍ଦିରର ଆସ୍ଥାନ ନିକଟରେ କ୍ଷୀର ଢ଼ାଳି ପୂଜାର୍ଚ୍ଚନା ମଧ୍ୟ କରୁଥିଲେ। ୨୦୨୫ ମସିହା ଶେଷ ବେଳକୁ ମନ୍ଦିରର କିଛି ଭଗ୍ନାବଶେଷ ରହିଥିବା ବେଳେ ଏବେ ସମ୍ପୂର୍ଣ୍ଣ ରୂପେ ତାହା ସମୁଦ୍ର ଗର୍ଭରେ ହଜି ଯାଇଛି।



# ମୌସୁମୀ ଅଧିବେଶନ : ପ୍ରମାଦରେ ଶିକ୍ଷା ବିଭାଗ

**ଡକ୍ଟର ମନୋରଞ୍ଜନ ବେହୁରା**

ଓଡ଼ିଶାର କୃଷକ ଆଜି ପ୍ରାକୃତିକ ବିପର୍ଯ୍ୟୟ ଏବଂ ସରକାରୀ ବ୍ୟବସ୍ଥା ସହିତ ଲଢୁଛି। ଦୀର୍ଘ ୨୪ ବର୍ଷ ଶାସନ କାଳରେ ବିଜେଡ଼ି ସରକାର ଧାନମଣ୍ଡି ବ୍ୟବସ୍ଥାରେ ଉନ୍ନତି ଆଣିପାରିଲେନି। ଓଡ଼ିଶାରେ ବେଶି ହେଉଛନ୍ତି ଭାଗଚାଷୀ। ଭାଗ ଚାଷୀ କିପରି ମଣ୍ଡିରେ ସହଜରେ ଧାନ ବିକ୍ରି କରିବେ ସେଥିରେ ବିଜେଡ଼ି ସରକାର କିଛି ସଂସ୍କାର ଆଣିଲେ ନାହିଁ। ଲୋକମାନେ ଭାବିଲେ ଯେ ସରକାର ପରିବର୍ତ୍ତନ ହେବ ଦରକାର। ସରକାର ପରିବର୍ତ୍ତନ ହେଲା ହେଲେ ଯଥା ପୂର୍ବମ ତଥା ପରମ। ବର୍ତ୍ତମାନ ବିଜେପି ସରକାର ନୂଆ ଆପ ମାଧ୍ୟମରେ କୃଷକଙ୍କୁ କହୁଛନ୍ତି ମଣ୍ଡିରେ ନାମ ପଞ୍ଜୀକରଣ କରିବା ପାଇଁ।

ଓଡ଼ିଶା ବିଧାନର ମୌସୁମୀ ଅଧିବେଶନ ଏପର୍ଯ୍ୟନ୍ତ ଡକାଯାଇନାହିଁ। ସଂସଦର ମୋସୁମୀ ଅଧିବେଶନ ଚଳିତ ଅଗଷ୍ଟ ମାସରେ ୨୧ ଦିନ ଚାଲିଥିଲା। ହେଲେ ଓଡ଼ିଶା ବିଧାନସଭାର ମୌସୁମୀ ଅଧିବେଶନ ଏପର୍ଯ୍ୟନ୍ତ ଡକାଯାଉନାହିଁ। ମୌସୁମୀ ଅଧିବେଶନ ରାଜ୍ୟର ବିଭିନ୍ନ ସମସ୍ୟାଗୁଡିକୁ ନେଇ ବିରୋଧୀ ବିଜେଡ଼ି ଏବଂ କଂଗ୍ରେସ ସରକାରଙ୍କୁ ଘେରିବେ। ବିଜେପି ସରକାର ପାଇଁ ମୌସୁମୀ ଅଧିବେଶନ ଅନେକ ସମସ୍ୟା ଆଣିବାର ସମ୍ଭାବନା ରହିଛି ।

ପ୍ରଥମତଃ ବିଦ୍ୟାଳୟର ପାଠ୍ୟ ପୁସ୍ତକ ତ୍ରୁଟିକୁ ନେଇ ବିଧାନସଭା ହୁଲୁସ୍ଥୁଲ ହେବ ଯାହା ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବିରେ ବିରୋଧୀ ଅଟଳ ରହିବେ। ନିକଟରେ ନିଟ୍ ପରୀକ୍ଷା ପ୍ରଶ୍ନ ପତ୍ର ପ୍ରଘଟନ ପାଇଁ କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କ ପଦବୀ ଯାଇଛି ଯାହା ବିରୋଧୀମାନଙ୍କୁ ବଳ ଯୋଗାଇଛି ଓଡ଼ିଶାର ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ନେବାପାଇଁ। ପାଠ୍ୟ ପୁସ୍ତକରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏ ପାଖାପାଖି ଦୁଇ ହଜାର ତ୍ରୁଟି ପରିଲକ୍ଷିତ ହୋଇଛି ଯାହା ଦେଶ ବ୍ୟାପି ଏକ ଲାଜ୍ୟାଜନକ ଘଟଣା। ଏହି ତ୍ରୁଟି ଓଡ଼ିଶା ସରକାରଙ୍କୁ ଲଜ୍ଜିତ କରିଛି। ମୁଖ୍ୟମନ୍ତ୍ରୀ କହୁଛନ୍ତି ଏହା ବିରୁଦ୍ଧରେ ଏକ ବଡ଼ ଷଡଯନ୍ତ୍ର ରହିଛି ହେଲେ ଷଡ଼ଯନ୍ତ୍ର ପର୍ଦାଫାସ ସରକାର କରନ୍ତୁ। କିପରି ଏତେ ବଡ଼ ତ୍ରୁଟି ହେଲା ରାଜ୍ୟବାସୀ ଏପର୍ଯ୍ୟନ୍ତ ଅନ୍ଧାରରେ ଅଛନ୍ତି। ବିଧାନସଭାରେ ସରକାର ସ୍ପଷ୍ଟ କରିବେ ଯେ ପାଠ୍ୟ ପୁସ୍ତକରେ ଏତେ ବଡ଼ ତ୍ରୁଟି କିପରି ହେଲା। ସରକାର କଣ କରିବେ ସେ ବିଷୟରେ ଯୋଜନା ପ୍ରସ୍ତୁତ କରୁଥିବେ। କେଉଁ ସଂସ୍ଥାକୁ ପୁସ୍ତକ ଦିଆଯାଇଥିଲା ପ୍ରସ୍ତୁତ କରିବା ପାଇଁ? ପୁସ୍ତକଗୁଡ଼ିକ ପ୍ରିଣ୍ଟ ହେବା ପୂର୍ବରୁ ଏହାର ପ୍ରୁଫ୍ ରିଡ଼ିଂ କିଏ କରିଥିଲା ? ସରକାର ୩୦୦ କୋଟି ଟଙ୍କା ଖର୍ଚ୍ଚ କରି ଯେଉଁ ତ୍ରୁଟିପୂର୍ଣ୍ଣ ପୁସ୍ତକ ପ୍ରସ୍ତୁତ କରିଛନ୍ତି ସେଗୁଡିକୁ ଛାତ୍ରଛାତ୍ରୀମାନଙ୍କୁ ଦିଆଯାଇଛି କି ? ଅନେକ ପ୍ରଶ୍ନ ସରକାର ସାମନା କରିବେ। ଏହି ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ କରାଇ ଦୁଇତିନିଜଣ ତଳ ସ୍ତରରୀୟ କର୍ମଚାରୀଙ୍କୁ ଗିରଫକରି ସରକାର ଘଟଣା ଉପରେ ପର୍ଦା ପକାଇବାକୁ ପ୍ରୟାସ କରୁଛନ୍ତି ହେଲେ ଏହା ସଫଳ ହେଲା ପରି ଲାଗୁନି। ସରକାରଙ୍କୁ ଉତ୍ତର ଦେବାକୁ ପଡିବ ପୁସ୍ତକ ଗୁଡିକରେ ଏତେ ମାତ୍ରାରେ ତ୍ରୁଟି ହେବାର କରଣ କଣ ? ବିରୋଧୀ ବିଜେଡ଼ି ଏବଂ କଂଗ୍ରେସ ଯେଉଁ ସୁଯୋଗର ଅପେକ୍ଷାରେ ସେ ବର୍ତ୍ତମାନ ହାତ ପାହାନ୍ତାରେ। ସୁଯୋଗ ହାତଛଡା ନକରି ବିରୋଧୀ ସରକାରଙ୍କୁ ଅକଳରେ ପକାଇବେ। ତେଣୁ ସରକାର ସମ୍ଭବତଃ ମୌସୁମୀ ଅଧିବେଶନ ପୂର୍ବରୁ କିମ୍ବା ଚାଲିଥିବା ବେଳେ ଗଣ ଶିକ୍ଷାମନ୍ତ୍ରୀଙ୍କୁ ଇସ୍ତଫା ଦେବା ପାଇଁ କହିପାରନ୍ତି ନଚେତ ଚାରି ପାଞ୍ଚ ଦିନ ଘମାଘୋଟ ହଙ୍ଗମା ପରେ ବିଧାନସଭାକୁ ବନ୍ଦ କରିପାରନ୍ତି। ଦ୍ୱିତୀୟତଃ ସମସ୍ୟା ହେଉଛି ବନ୍ୟା। ଯାଜପୁର, ଭଦ୍ରକ, ବାଲେଶ୍ୱର, କେନ୍ଦ୍ରାପଡ଼ା ଏବଂ ଅନ୍ୟାନ୍ୟ ସ୍ଥାନମାନଙ୍କରେ ଦୀର୍ଘ ଦିନ ହେବ ବନ୍ୟା ସମସ୍ୟା ଲାଗି ରହିଛି। ବର୍ତ୍ତମାନ କୃଷକ ଏବଂ କୃଷି ବିପର୍ଯ୍ୟୟରେ। ଓଡ଼ିଶାର କୃଷକ ଆଜି ପ୍ରାକୃତିକ ବିପର୍ଯ୍ୟୟ ଏବଂ ସରକାରୀ ବ୍ୟବସ୍ଥା ସହିତ ଲଢୁଛି। ଦୀର୍ଘ ୨୪ ବର୍ଷ ଶାସନ କାଳରେ ବିଜେଡ଼ି ସରକାର ଧାନମଣ୍ଡି ବ୍ୟବସ୍ଥାରେ ଉନ୍ନତି ଆଣିପାରିଲେନି। ଓଡ଼ିଶାରେ ବେଶି ହେଉଛନ୍ତି ଭାଗଚାଷୀ। ଭାଗ ଚାଷୀ କିପରି ମଣ୍ଡିରେ ସହଜରେ ଧାନ ବିକ୍ରି କରିବେ ସେଥିରେ ବିଜେଡ଼ି ସରକାର କିଛି ସଂସ୍କାର ଆଣିଲେ ନାହିଁ। ଲୋକମାନେ ଭାବିଲେ ଯେ ସରକାର ପରିବର୍ତ୍ତନ ହେବ ଦରକାର। ସରକାର ପରିବର୍ତ୍ତନ ହେଲା ହେଲେ ଯଥା ପୂର୍ବମ ତଥା ପରମ। ବର୍ତ୍ତମାନ ବିଜେପି ସରକାର ନୂଆ ଆପ ମାଧ୍ୟମରେ କୃଷକଙ୍କୁ କହୁଛନ୍ତି ମଣ୍ଡିରେ ନାମ ପଞ୍ଜୀକରଣ କରିବା ପାଇଁ। ଓଡ଼ିଶାର ମୋଟ ଜିଏସ ଡି ପି ର ୨୧ ପ୍ରତିଶତ କୃଷିରୁ ଆସିଥାଏ ଏବଂ ମୋଟ୍ ଜନସଂଖ୍ୟାର ପାଖାପାଖି ୭୦ ପ୍ରତିଶତ ଲୋକ କୃଷି ଉପରେ ନିର୍ଭର କରିଚଳନ୍ତି।

ସରକାର ବନ୍ୟା କ୍ଷୟକ୍ଷତି ପାଇଁ ପ୍ରାରମ୍ଭିକ ପର୍ଯ୍ୟାୟରେ ୧୦୦୦ କୋଟି ଟଙ୍କାର ସହାୟତା ରାଶି ଘୋଷଣା କରିଛନ୍ତି। ଆଗାମୀ ଦିନରେ ଆଉ କିଛି ରାଶି ଦେବା ପାଇଁ ଘୋଷଣା କରିବାର ସମ୍ଭାବନା ରହିଛି। ମୁଖ୍ୟମନ୍ତ୍ରୀ, ଉଚ୍ଚ ଶିକ୍ଷା ମନ୍ତ୍ରୀ ବନ୍ୟାରେ ବୁଲୁଥିବାର ଚିତ୍ର ସାମନାକୁ ଆସିଛି। ମୁଖ୍ୟମନ୍ତ୍ରୀ ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀ ଉଛୁଳା ନଦୀରେ ନୌକାରେ ବନ୍ୟା ପରିସ୍ଥିତି ଦେଖିଲା ବେଳେ ସେମାନେ କୁମ୍ଭୀର ଦେଖିଥିବାର କହୁଥିଲେ। ବନ୍ୟା ପାଇଁ ବିରୋଧୀଙ୍କୁ ସରକାର ଜବାବ ଦେଇ ପାରିବେ। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରାକୃତିକ ଦୁର୍ବିପାକ ସମୟରେ ଘରୁ ବାହାରୁ ନଥିବା ବେଳେ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ନୌକାରେ ଭରା ନଦୀରେ ବନ୍ୟା ପରିଦର୍ଶନ କରିବାଟା କିଛି କମ୍ କଥା ନୁହେଁ।

ବିଧାନସଭାରେ ବିରୋଧିଙ୍କୁ ପ୍ରତିଆକ୍ରମଣ କରିବା ପାଇଁ ସରକାର ମଧ ଯୋଜନା ପ୍ରସ୍ତୁତ କରୁଛନ୍ତି। ବହୁଦିନ ପରେ ହଠାତ୍ ପରିର ଭୂତ ଆବିର୍ଭାବ ହୋଇଛି। ପରି କେସକୁ ଉଠାଇ ପାଠ୍ୟ ପୁସ୍ତକ ଇସୁକୁ ପ୍ରଶମିତ କରାଇବାରେ ସରକାର ସଫଳ ହେବେ ବୋଲି ଚିନ୍ତା କରୁଛନ୍ତି। ବର୍ତ୍ତମାନ ବିଜେଡ଼ି ଦୁଇ ଭାଗରେ ଅଛି – ପଣ୍ଡିଆନ ଏବଂ ଅଣ ପଣ୍ଡିଆନ ଗୋଷ୍ଠି। ଆଉ କିଛି ବିଜେଡ଼ି ବିଧାୟକ ମୌକା ଦେଖି ବିଜେପିରେ ସାମିଲ ହେବାକୁ ଚାହୁଁଥିବାରୁ ସେମାନେ ବିଜେପିକୁ ବିଧାନସଭାରେ ଅଡୁଆରେ ପକାଇବାକୁ ଚାହୁଁନାହାନ୍ତି। ପଣ୍ଡିଆନ ଗୋଷ୍ଠି ବିଧାୟକମାନେ ସରକାର ପ୍ରତି ଟିକେ ନରମ ମନୋଭାବ ପୋଷଣ କରିବାର ସମ୍ଭାବନା ରହିଛି । କିନ୍ତୁ କଂଗ୍ରେସ ଆକ୍ରମଣାତ୍ମକ ଆଭିମୁଖ୍ୟ ନେବ ମାତ୍ର ଏହାର ବିଧାୟକ ସଂଖ୍ୟା ନଗଣ୍ୟ ତନ୍ମଧ୍ୟରୁ ଦୁଇ ଜଣ ବର୍ତ୍ତମାନ ଦଳ ବାହାରେ ତେଣୁ ଶାସକ ବିଜେପି ପାଇଁ କଂଗ୍ରେସ କିଛି ପ୍ରଭାବ ପକାଇବାରେ ନାହିଁ।

ରାଜ୍ୟରେ ଆଉ ଏକ ବଡ଼ ସମସ୍ୟା ହେଲା ଶିକ୍ଷକ ଏବଂ ଅଧ୍ୟାପକ ପାଖାପାଖି ଦୁଇ ସପ୍ତାହ ଧରି ଭୁବନେଶ୍ୱର ରାଜରାସ୍ତାରେ ବସିଛନ୍ତି ସେମାନଙ୍କର ବିଭିନ୍ନ ଦାବି ଦେଇ। ବିଭିନ୍ନ ସ୍କୁଲ ଗୁଡ଼ିକରେ ଦୀର୍ଘ ତିନି ଦଶନ୍ଧି ଧରି ପାଠ ପଢାଇ ଆସୁଥିବା ଅଧ୍ୟାପକ ଆଉ ଶିକ୍ଷକ ଅନୁଦାନ ପାଉନାହାନ୍ତି । ଆଉ କେତେକ ବ୍ଲକ ଗ୍ରାଣ୍ଟ ଶିକ୍ଷକ କର୍ମଚାରୀ ସେବାନିବୃତ୍ତ ପରେ ପେନ୍ସନ ଦାବି କରୁଛନ୍ତି ଯାହା ସେମାନଙ୍କର ନାର୍ଯ୍ୟଦାବି। ହେଲେ ସରକାର ସେଗୁଡିକୁ ପ୍ରତି କର୍ଣ୍ଣପାତ କରିବାର ଦେଖା ଯାଉନାହିଁ। ପ୍ରତିଶ୍ରୁତି ପରେ ପ୍ରତିଶ୍ରୁତି ମିଳିଛି। ସମସ୍ତ ପ୍ରତିଶ୍ରୁତି ପ୍ରତାରଣରେ ପରିଣତ ହୋଇଛି ବୋଲି ଅଧ୍ୟାପକ, ଶିକ୍ଷକ ଏବଂ କର୍ମଚାରୀ ସଂଘ ଅଭିଯୋଗକରି ରାଜ ରାସ୍ତାରେ ଖରା ବର୍ଷା ଏବଂ କାକରରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆହୋରାତ୍ର ଧାରଣାରେ ବସିଛନ୍ତି। ଧାରଣାସ୍ଥଳକୁ ବିରୋଧୀ ଦଳର ନେତାମାନେ ଆସି ସେମାନଙ୍କର ଦାବି ଗୁଡିକୁ ବିଧାନ ସଭାରେ ଆଲୋଚନକୁ ଆଣିବାର ପ୍ରତିଶ୍ରୁତି ଦେଇଛନ୍ତି ଏବଂ ଗଣମାଧ୍ୟମକୁ କହିଛନ୍ତି। ତେଣୁ ଆଶା କରାଯାଉଛି ଯେ ରାଜରାସ୍ତାରେ ବସିଥିବା ଅଧ୍ୟାପକ ଶିକ୍ଷକ ଏବଂ କର୍ମଚାରୀଙ୍କ ସମସ୍ୟା ଆଲୋଚନା ବିଧାନସଭାରେ ହେବ ଏବଂ ଏଥରେ ଶାସକ ଏବଂ ବିରୋଧୀ କାଦୁଅ ଫିଙ୍ଗାଫିଙ୍ଗି ହେବେ।

ସରକାର ବିଧାନସଭା ଡାକିବା ପାଇଁ ଡେରିକରିବା ଅର୍ଥ କିଛି ନୂଆ ରଣନୀତି ପ୍ରସ୍ତୁତ କରୁଛି ଶକ୍ତିଶାଳୀ ବିରୋଧୀଙ୍କୁ ସଠିକ ଭାବରେ ସାମ୍ନା କରିବା ପାଇଁ ଯାହା ଦେଖିବାକୁ ମିଳିବ ବିଧାନସଭାରେ। ବର୍ତ୍ତମାନ ବିରୋଧୀଙ୍କ ପାଇଁ ଏକ ବଡ଼ ସୁଯୋଗ ଆସିଛି ସରକାରଙ୍କୁ ଅପଦସ୍ତ କରିବା ପାଇଁ ଯଦି ବିରୋଧୀ ଏହାକୁ ନିଜ ନିଜର ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ଜଳାଞ୍ଜଳି ଦେଇଦେବେ ତେବେ ସାଧାରଣ ଲୋକଙ୍କ ବିଶ୍ୱାସ ହରାଇବେ। ସାଧାରଣ ଲୋକଙ୍କ ସମସ୍ୟା ବିଧାନସଭାରେ ଉଠୁ, ବିରୋଧୀ ସରକାରଙ୍କ ସହିତ ବୁଝାବଣା କରି ହୋ ହାଲା କରି ବିଧାନସଭାକୁ ବନ୍ଦ କରନ୍ତୁ ନାହିଁ ବୋଲି ଜନସାଧାରଣ ଚାହୁଁଛନ୍ତି।

❑

# ଚାହୁଁଥିବା ଜୀବନକୁ ନେଇ ଏଯାଏ ବଞ୍ଚି ପାରିନି : ସନ୍ତୋଷ ମେହେର



ପେଶାରେ ବିଜ୍ଞାନ ଶିକ୍ଷକ, ନିଶାରେ ସାହିତ୍ୟ ରଚନା କରିବା ସହ ଜୀବନର ଭିନ୍ନ ଭିନ୍ନ ସୋପାନରେ ବିଭିନ୍ନ ଭୂମିକା ତୁଲାଉ ତୁଲାଉ ସାହିତ୍ୟକୁ ନିଜ ଅଭିବ୍ୟକ୍ତିର ଅନ୍ତରଙ୍ଗ ମାଧ୍ୟମ କରିଥିବା ସମସାମୟିକ ଓଡ଼ିଆ ସାହିତ୍ୟ ଜଗତର ଏକ ସୁପରିଚିତ ତଥା ଶ୍ରଦ୍ଧାଶୀଳ ଉଚ୍ଚାରଣ ହେଉଛନ୍ତି ଯୁବକବି ସନ୍ତୋଷ କୁମାର ମେହେର, ପ୍ରାୟ ଏକ ଦଶନ୍ଧି ହେବ ସାହିତ୍ୟ ଜଗତରେ ନିରବଚ୍ଛିନ୍ନ ଭାବରେ ସାଧନା ଜାରିରଖି ସେ ଲେଖି ଚାଲିଛନ୍ତି ଅନେକ କାନ୍ତ କମନୀୟ ବୋଧଗମ୍ୟ ମନଛୁଆଁ କବିତା। ଦରଦୀ ଜୀବନର ନିଛକ ସତ୍ୟକୁ କବିତାରେ ଉତାରିବାକୁ ସେ ବହୁତ୍ ଭଲ ପାଆନ୍ତି। ରାଜଭୂମିର ସାକ୍ଷାତକାର୍ ଏଥରର ଯୁବ ଉଦୀୟମାନ କବି ସନ୍ତୋଷ କୁମାର ମେହେରଙ୍କ ସହ।

**ପ୍ରଶ୍ନ ୧ : ସନ୍ତୋଷ କୁମାର ମେହେର ନିଜ ଦୃଷ୍ଟିରେ କିପରି ?**
**ଉତ୍ତର ୧ :** ସନ୍ତୋଷ କୁମାର ମେହେର ଜଣେ ଖୋଲା ହୃଦୟର ମଣିଷଟିଏ।

**ପ୍ରଶ୍ନ ୨ : ଆପଣଙ୍କ ପ୍ରିୟ କବି କିଏ ?**
**ଉତ୍ତର ୨ :** କାହାର ନିର୍ଦ୍ଦିଷ୍ଟ ନାମ କହିପାରିବିନି, ସମସ୍ତେ ମୋର ପ୍ରିୟ କବି।

**ପ୍ରଶ୍ନ ୩ : ଆପଣଙ୍କ ଆଦର୍ଶ କିଏ ?**
**ଉତ୍ତର ୩ :** ମୋ ବଡ଼ଭାଇ ବିଜ୍ଞାନ ଶିକ୍ଷକ ତଥା ଓଡ଼ିଶାର ସୁପରିଚିତ କବି ସୁଧିର କୁମାର ମେହେର ହିଁ ମୋ ଆଦର୍ଶ ଅଟନ୍ତି।

**ପ୍ରଶ୍ନ ୪ : ଆପଣ କେବଳ କବିତା କାହିଁକି ଲେଖନ୍ତି ?**
**ଉତ୍ତର ୪ :** କବିତା ମୋ ପାଇଁ ସହଜ ମନେହେଉଥିବାରୁ ଏବଂ ସାହିତ୍ୟରେ ମୋତେ ବହୁତ କମ୍ ସମୟ ମିଳୁଥିବାରୁ ମୁଁ କେବଳ କବିତା ହିଁ ଲେଖେ।

**ପ୍ରଶ୍ନ ୫ : ଆପଣଙ୍କ ରୁଚି କ'ଣ ?**
**ଉତ୍ତର ୫ :** କବିତା ଲେଖିବା, ମଞ୍ଚ ସଂଯୋଜନା କରିବା, ଭ୍ରମଣ କରିବା ହିଁ ମୋ ରୁଚି ଅଟେ।

**ପ୍ରଶ୍ନ ୬ : ଆପଣଙ୍କ ଦୃଷ୍ଟିରେ କବିତା କ'ଣ ?**
**ଉତ୍ତର ୬ :** ମନ ଭିତରର ଅନେକ ଅକୁହା କଥା ହିଁ କବିତା ଅଟେ।

**ପ୍ରଶ୍ନ ୭ : ଆପଣଙ୍କ ଜୀବନର ଅବସୋସ କ'ଣ ?**
**ଉତ୍ତର ୭ :** ଏଯାଏଁ ମଧ୍ୟ ଠିକ୍ ଜୀବନଟିଏ ନେଇ ବଂଚି ପାରିନି ; ଏହା ହିଁ ମୋ ଜୀବନର ଅବସୋସ ଅଟେ।

## ତୁମେ ଚାଲିଗଲା ପରେ

**ଅଧ୍ୟାପିକା ତନୁଶ୍ରୀ ମିଶ୍ର**



ଭାବିଛ କି !
ତୁମେ ଚାଲିଗଲା ପରେ
କେମିତି ରହିବି ମୁଁ ?

ହାତ ମୋର ଛାଡି ଦେଲା ପରେ
ବାଟ କେମିତି ଚାଲିବି ମୁଁ ?

କଥା ଦେଇଥିଲ
ମୋତେ ପାରିଲନି ରଖି
ନିଜ ସ୍ୱାର୍ଥ ପାଇଁ,
ଆପଣାର କରିନେଲ ଆଉ କାହାକୁ
ତା ଛଳନାର ମିଠା ହସରେ ଭାସିଯାଇ।

ଏ ଦୁନିଆରେ ସ୍ୱାର୍ଥପର ତୁମପରି
ଦେଖିନି ମୁଁ କେଉଁଠି,
ଚାଲିଯିବ ବୋଲି
ବୋଧହୁଏ ଭାବିଲନି
ମୁଁ ଅଛି କେମିତି ?

ଥାଅ ତୁମେ ଯେତେ ଦୂରେ
ଆଜିବି ଲାଗେ
ତୁମେ ମୋର ଅତି ଆପଣାର,
କାରଣ ଯାହା ବି ଥାଉ ପଛେ ସାଥୀ
ସୁଖ ଦୁଃଖରେ
ହିଁ ତୁମେ ମୋର।

❑

ରାଜନଗର, କେନ୍ଦ୍ରାପଡ଼ା

## କୃପା କର ହେ ଈଶ୍ୱର

**ଡକ୍ଟର ଲୋପାମୁଦ୍ରା ଜେନା**

ରତନ ବେଦୀରୁ ତୋର ସିନା ଜଗା
ହସ କେରି କେରି ଝରେ,
ଅସରା ବରଷା ମୋ' ଆଖି କୋଣରୁ
ନିତି ଝରେ ଧାରେ ଧାରେ।

ଦୁଃଖ ସାଗରରେ ଭାସୁଛି ଜଗା ମୁଁ
ତୋ' ନାମକୁ ଗାଇ ଗାଇ,
ରାଧା, ମୀରା ଭାବ ନାହିଁ ବୋଲି ଜଗା
ପର ଭାବିବୁନି ତୁହି।

ଅଗତିର ଗତି, ଅନାଥର ନାଥ
ଦାରୁବ୍ରହ୍ମ ଜଗନ୍ନାଥ,
ଭକତର ମନ ପଢି ପାରୁ ତୁହି
ମୁଁ ନୁହେଁ କି ତୋ' ଭକତ ?

ତୁ ମତେ ନିଜର ଭାବ କି ନ ଭାବ
ମୁଁ ତତେ ନିଜର ଭାବେ,
ଶୟନେ ସପନେ ଅବା ଜାଗରଣେ
ଭିଜୁଥାଏ ଅନୁଭବେ।

ଜଗା ତୁହି ଦାରୁ ଅଟୁ ମହାମେରୁ
ତୋ' ପାଦ ତଳେ ମୁଁ ଘାସ,
କୃପା କଣିକାଏ ଢାଳିଦିଅ ସଖା
ଲଭିବି ପୁଣ୍ୟ ପିୟୁଷ।



ସୁଖ ଯଦି ମୋର ଭାଗ୍ୟରେ ଲେଖିନୁ
କେମିତି ହେବି ମୁଁ ସୁଖୀ,
ଦୁଃଖର ଢେଉରେ ଭିଜେ ମୋ' ପଣତ
ତୋ' ଭାବେ ଭିଜଇ ଆଖି।

ପତିତପାବନ ନାମ ବୋଲାଉଛୁ
ମିଛରେ କାଳିଆ ତୁହି,
ମୁଁ ଜଣେ ପତିତା ତୋ' ଶ୍ରଦ୍ଧା ଆଶ୍ରୀତା
ମଉନ କିମ୍ପା ଗୋସାଇଁ।

ମହାବାହୁ ବୋଲି ହୁରି ପଡୁଅଛି
ଭାସୁଛି ଭବ ସାଗରେ,
ହାତ ଟେକିଦେଲି ମୁହିଁରେ କାଳିଆ
କୋଳେଇ ନେ' ତୁ ଥରେ।

ଜଗତର ନାଥ ଆହେ ଜଗନ୍ନାଥ
କେଶବ, ମାଧବ, ହରି,
ଭରସା କରିଛି ତୁମ ପଦ୍ମ ପାଦେ
ଭବସିନ୍ଧୁ କର ପାରି।

ପାରି ହୁଏ ଅବା ନ ହୁଏ ଭବରୁ
ପଙ୍କ ଦେହୁ ପାରି କର,
ଅଥବା ପଙ୍କରେ ପଦ୍ମଟିଏ କରି
କୃପା କର ହେ ଈଶ୍ୱର।

❑

ଆଠଗଡ଼, କଟକ

# ବସନ୍ତ ବିଶ୍ୱାଳ ଥିଲେ ରାଜନଗର ସେତୁର ଜନକ

**(ରାଜନଗର ଜୀବନରେଖାର ଅନନ୍ୟ ରୂପକାର ଦିବଂଗତ ବସନ୍ତବାବୁଙ୍କ ପୁଣ୍ୟତିଥିରେ ବରିଷ୍ଠ ପତ୍ରକାର ଭାସ୍କର ରାଉତରାୟଙ୍କ ଆଲେଖ୍ୟ)**



ଯେତେବେଳେବି ରାଜନଗର ବ୍ଲକର ପୂର୍ଣ୍ଣାଙ୍ଗ ଇତିହାସ ଲେଖାହେବ ସେଥିରେ ରାଜନଗର ଜୀବନରେଖାର ଯିଏ ଅନନ୍ୟ ରୂପକାର ଥିଲେ ସେ ହେଉଛନ୍ତି ଓଡ଼ିଶାର ପୂର୍ବତନ ମନ୍ତ୍ରୀ, ଯୋଗଜନ୍ମା, କର୍ମବୀର କଥାରେ ନୁହେଁ ବରଂ କାମରେ ବିଶ୍ୱାସ ରଖୁଥିବା ମହାନ୍ ଜନସେବକ ବସନ୍ତ କୁମାର ବିଶ୍ୱାଳ। ଆଜି ଏକବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ବି ମନେପଡ଼ନ୍ତି ଚିରସବୁଜ ବସନ୍ତ ବାବୁ। ନଦୀନାଳଘେରା ଦୁର୍ଗମ ରାଜନଗରବାସୀଙ୍କୁ ରାଜ୍ୟ ରାଜଧାନୀ ହେଉ ବା କଲିକତା ହେଉ, ଚେନ୍ନାଇ ହେଉ ଅବା କେରଳ, ଦିଲ୍ଲୀ, କାଶ୍ମୀର ସବୁ ଜାଗାକୁ ସଡ଼କ ପଥରେ ସଂଯୋଗ କରିବା କ୍ଷେତ୍ରରେ ବସନ୍ତ ବାବୁଙ୍କ ଯୁଗଜୟୀ ଭୂମିକା ସଦା ସ୍ମରଣୀୟ ହୋଇ ରହିବ ଇତିହାସର ଦସ୍ତାବିଜ୍ ଭିତରେ। ଆଜି ସେ ଆମ ଗହଣରେ ନଥିଲେ ବି ସେଦିନର ଦୃଢ଼ ସଂକଳ୍ପ ଆତ୍ମବିଶ୍ୱାସ ରଖିଥିବା ବସନ୍ତ ବାବୁ ରାଜନଗରବାସୀଙ୍କ ପାଇଁ ଦେବଦୂତ ସାଜିଥିଲେ। ସେ ଦେଇଥିବା ପ୍ରତିଶ୍ରୁତି ଆଜି ବାସ୍ତବକ୍ଷେତ୍ରରେ ଦେଖିବାକୁ ମିଳୁଛି ଦିବଂଗତ ବସନ୍ତ ବାବୁଙ୍କ ପାଇଁ।

୮୦ ଦଶକରେ ଯେତେବେଳେ କେନ୍ଦ୍ରାପଡ଼ା ସଂସଦୀୟ କ୍ଷେତ୍ରରେ ଏକ ଉପନିର୍ବାଚନ ଅନୁଷ୍ଠିତ ହେଲା, କନିକା ରାଜାସାହେବ ଶରତ ଦେବଙ୍କ ସହିତ ବସନ୍ତ ବାବୁଙ୍କର ଜୋରଦାର ଲଢ଼େଇ ହୋଇଥିଲା। ସେତେବେଳେ ରାଜନଗରର ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରାଣକୃଷ୍ଣ ରାଉତରାୟ, ଶିକ୍ଷାବିତ୍ ଲକ୍ଷ୍ମୀଧର ଲେଙ୍କା ଓ ଅନ୍ୟାନ୍ୟ ନେତୃତ୍ୱଙ୍କ ନିମନ୍ତ୍ରଣରେ ରାଜନଗରକୁ ନିର୍ବାଚନ ପ୍ରଚାରରେ ଆସି ହଂସୁଆ ନଦୀ ତଟରେ ପହଞ୍ଚିଥିଲେ। ନଦୀ ଘାଟରୁ ପାରହୋଇ ଦେବୀ ଛକରେ ଆୟୋଜିତ ହୋଇଥିବା ସଭାରେ ତାଙ୍କର ଯୋଗଦେବାର ଥିଲା ପରନ୍ତୁ ସେ ମନା କରିଥିଲେ। ସେ ଗୋଟିଏ କଥା କହିଥିଲେ ଯେ, ମୁଁ ବସନ୍ତ ବିଶ୍ୱାଳ କହୁଛି, ଆପଣ ମୋତେ ପସନ୍ଦ କରନ୍ତୁ ବା ନକରନ୍ତୁ ହଂସୁଆରେ ପୋଲ ନିର୍ମାଣ ହେବା ପରେ ମୁଁ ରାଜନଗରକୁ ଆସିବି। ତାଙ୍କର ଏହି ଦୁଇପଦ କଥା ସେତେବେଳେ ରାଜନୈତିକ ଚିତ୍ରପଟ୍ଟରେ ଆଲୋଡ଼ନ ସୃଷ୍ଟି କରିଥିଲା। ସେହି ଦୃଢ଼ମନା ବ୍ୟକ୍ତିତ୍ୱ ବସନ୍ତ ବାବୁ ଗୋପାଳପୁର ବଜାରରେ ସଭା କରିଥିଲେ ଏବଂ ହଂସୁଆ ପୋଲ ନିର୍ମାଣ ପାଇଁ ନଦୀଘାଟ ନିକଟରେ ନଡ଼ିଆ ବାଢ଼େଇ ପୋଲ ନିର୍ମାଣ ପାଇଁ ଶୁଭ ଦେଇଥିଲେ। ସେ ସେତେବେଳେ ରାଜ୍ୟ ସରକାରଙ୍କ ବରିଷ୍ଠ ଦ୍ୱିତୀୟ କ୍ଷମତା କେନ୍ଦ୍ର ରୂପେ ସାରା ରାଜ୍ୟରେ ପରିଚିତ ଥିଲେ। ଯଦିଓ ଜାନକୀ ବାବୁ ମୁଖ୍ୟମନ୍ତ୍ରୀ ଥିଲେ ସେ କିନ୍ତୁ ବସନ୍ତ ବାବୁଙ୍କ କାର୍ଯ୍ୟଧାରାକୁ ପସନ୍ଦ କରୁଥିଲେ। କାରଣ ପୂର୍ବରୁ ଜାନକୀ ବାବୁ ପ୍ରଜାତନ୍ତ୍ରର ସଂପାଦକ ଥିବାବେଳେ ରାଜନଗର ଗସ୍ତରେ ଆସି ଏଠିକାର ଅକଥନୀୟ ଜୀବନ ଯନ୍ତ୍ରଣାକୁ ନିଜ ଆଖିରେ ଦେଖିଥିଲେ। ଏ କ୍ଷେତ୍ରରେ ତାଙ୍କୁ ସାଇକେଲରେ ବସାଇ ଉପାନ୍ତ ରାଜନଗର ଅଞ୍ଚଳ ବୁଲାଇ ନେଇଥିବା ପ୍ରଣମ୍ୟ ପୁରୁଷ ପ୍ରଖ୍ୟାତ ଲେଖକ ଜୟୀବାବୁ। ଆଜି ରାଜନଗର କ୍ରମ ବିକାଶରେ ଯିଏ ମୁଖ୍ୟ ବିନ୍ଧାଣୀ ଥିଲେ ଏବଂ ହଂସୁଆ ସେତୁର ଜନକ ଭାବେ ପରିଚିତ ବସନ୍ତ ବାବୁଙ୍କ ପୂଣ୍ୟତିଥିରେ ରାଜନଗରବାସୀଙ୍କ ତରଫରୁ ଅଯୁତ ପ୍ରଣାମ ଜଣାଇବା ସହିତ ସଶ୍ରଦ୍ଧ କୁସୁମାଞ୍ଜଳି ଅର୍ପଣ କରୁଛି। କିନ୍ତୁ ପରିତାପର ବିଷୟ ଯୋଗଜନ୍ମା ବସନ୍ତ ବାବୁ ନିଜ ଘର ତିର୍ତ୍ତୋଲ ହୋଇଥିଲେ ମଧ୍ୟ ରାଜନଗର ବାସୀଙ୍କ ପାଇଁ ଜୀବନରେଖାର ମୂଳଦୁଆ ପକାଇଥିଲେ ତାଙ୍କର ପୁଣ୍ୟତିଥିରେ କେହି ତାଙ୍କ ସ୍ମୃତିକୁ ମନେନପକାଇବା ବାସ୍ତବିକ ବିଡ଼ମ୍ବନାର ବିଷୟ କୁହାଯାଇପାରେ।

## ରାଜଭୂମି ରାଜନୀତି

### ନେତା ବନାମ ନେତା




ପାଟକୁରା ରାଜନୀତି କଳି ଏବେ ହାଟରେ ପଡ଼ି ଦାଣ୍ଡରେ ଗଡୁଛି। ରାଜ୍ୟସଭା ରାଜନୀତି ପରେ ବିଜୟ ନନ୍ଦନ ବିଧାୟକ ଅରବିନ୍ଦ ମହାପାତ୍ର ବିଜେଡ଼ି ଠାରୁ ଅଲଗା ହୋଇ ସ୍ୱାଧୀନ ଭାବରେ ଜୀଉଁଥିଲେ ମଧ୍ୟ ମନ ତାଙ୍କର ବିଜେପି ଆଡ଼କୁ ଢ଼ଳୁଥିବାର ଦେଖାଯାଏ। ସେ ଢ଼ଳିଲେ କଣ ହେବ ପାଟକୁରା ବିଜେପି ଭାର ସମ୍ଭାଳୁଥିବା ଅସଲ ବିଜେପି ନେତା କଉ ଛାଡ଼ିଦେବେ ଚୌକି। ତେଣୁ ଅନ୍ୟ ରାଇଜରୁ ଉଡ଼ି ଆସି ପକ୍ଷୀ ଗହଳରେ ମିଶିବା ପରିସ୍ଥିତି ଯାହା ଅରବିନ୍ଦଙ୍କ ପରିସ୍ଥିତି ସେପରି ହୋଇଛି। ବିଜେଡ଼ି ଟିକେଟ୍‌ରୁ ବିଧାୟକ ହୋଇଥିବା ଅରବିନ୍ଦଙ୍କ ଆଗାମୀ ରାଜନୈତିକ ଭବିଷ୍ୟତ କଣ ହେଉଛି, ତାହା ଦେଖିବାକୁ ବାକି ଅଛି। ଏହା ଭିତରେ ଅଧିକ ଚର୍ଚ୍ଚାର ବିଷୟ ହେଇଛି ତାଙ୍କ 'ଦୁର୍ବୃତ୍ତ' ଉପଖ୍ୟାନ। ଉମାକାନ୍ତ କଉ ସହଜରେ ଛାଡ଼ିଦେବେ ତାଙ୍କର ଏହି କଥା। ସେ ହେଉଛନ୍ତି ପୁରୁଣା ବିଜେପି ନେତା।

### ଏକ ନାମ୍ କାଫି 'ବବି'



ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ ଯେଉଁଭଳି ଭାବେ ଜଳବନ୍ଦୀ ମଣିଷମାନଙ୍କ ପାଖରେ ପହଞ୍ଚି ସହଯୋଗର ହାତ ବଢ଼ାଉଥିଲେ ତାହା ଦେଖି ଏ ସଂପାଦକର ମନେ ହେଉଥିଲା ଏକ ନାମ୍ କାଫି 'ବବି'। ରାଜ୍ୟ ରାଜନୀତିର ଚର୍ଚ୍ଚିତ ଚେହେରା ବବିଙ୍କୁ ଯାଜପୁର କେବେ ଭୁଲିପାରିବ ନାହିଁ, ତାଙ୍କ ସମୟରେ ବିଗତ ସରକାରରେ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହୋଇଥିବାର ମନେପଡ଼େ। କାହିଁ ଦୂର ଯିବା, ଯାଜପୁରକୁ ଦେଖିଲେ ମନେହୁଏ ଏ ଜିଲ୍ଲା ନୁହେଁ ତ ସେତେ ଯେମିତି ମିନି ଓଡ଼ିଶା। ଯାଜପୁରବାସୀ ବବିଙ୍କ ବିଧାୟକ ସମୟରେ ଯେତିକି ବିକାଶ ଦେଖିଛନ୍ତି ବିଗତ ପଚାଶ ବର୍ଷରେ ସେତିକି ସ୍ୱପ୍ନରେ ଭାବିନଥିବେ। ଯଦି ବିଗତ ସରକାର ଆଉ କିଛିଦିନ ଥାଆନ୍ତା ଆହୁରି ଅନେକ କିଛି ଯାଜପୁରରେ ଦେଖିବାକୁ ମିଳିଥାନ୍ତା। ସେ ଯାହାବି ହେଉ ବବିଙ୍କ ଭଳି ନେତା ଯଦି ସବୁ ବିଧାୟକ ହୁଅନ୍ତେ ତେବେ ସୁନାର ଓଡ଼ିଶା ଦେଖିବାକୁ ଆଉ ବେଶୀ ଦିନ ଲାଗନ୍ତାନି।

### ଏକାମାଘକେ ଶୀତ ଯାଉନି



କାଦୁଅରେ ପଶିବାର ନାହିଁ କି ଗୋଡ଼ ଧୋଇବାର ନାହିଁ ଉପଖ୍ୟାନର ଅର୍ଥ ସମସ୍ତେ ବୁଝିଥିବେ। ବନ୍ୟା ସମୟରେ କେନ୍ଦ୍ରାପଡ଼ା ସାଂସଦ ନିଜ ସଂସଦୀୟ କ୍ଷେତ୍ର ପରିଦର୍ଶନ ଅଭିମୁଖେ ଆସି ଆକାଶ ମାର୍ଗରୁ ରିଲିଫ୍ ପକାଇଥିବା କଥା କାହାକୁ ଅଛପା ନଥିବ। ସାଂସଦ ଆକାଶରେ ଉଡ଼ି ଉଡ଼ି ଆସିଲେ, ରିଲିଫ୍ ପକାଇଲେ ଓ ଚାଲିଗଲେ। କଉଠି ରିଲିଫ୍ ପହଞ୍ଚିଲା, କଉଠି ନପହଞ୍ଚିଲା, କିଏ ପାଇଲେ, କିଏ ନପାଇଲେ ତାହା ଜାଣିବାର ଅବକାଶ ନାହିଁ। କେନ୍ଦ୍ରାପଡ଼ା ଜାମ୍ମୁକାଶ୍ମୀର ନୁହେଁ କି ଏଠି ଯୁଦ୍ଧ ଚାଲିନି, ଆକାଶ ମାର୍ଗରୁ ରିଲିଫ୍ ଆବଶ୍ୟକତା ପଡ଼ିବ। କେନ୍ଦ୍ରାପଡ଼ାରେ ବନ୍ୟା ହୋଇଛି, ଲୋକଙ୍କ ଘରେ ପାଣି ପଶିଛି, ଚୁଲି ଜଳୁନି, ଲୋକେ ଜଳବନ୍ଦୀ ଅଛନ୍ତି। କେତେ ଯେ ଦୁର୍ଦ୍ଦଶାରେ ଅଛନ୍ତି ଲୋକେ, ତାହା ଅନ୍ତତଃ ତାଙ୍କ ପାଖକୁ ଆସି ବୁଝିବାର ଥିଲା। ତାହା ନକରି ଯାହା କଲେ, ଲୋକେ ଏତେ ସହଜରେ ଭୁଲିଯିବେ ନାହିଁ ଏ କଥାକୁ। ଅନୁରୂପ ଭାବେ ସାଂସଦ ପ୍ରାର୍ଥୀ ଭାବେ ନିର୍ବାଚନ ଲଢୁଥିବା ଅଂଶୁମାନ ମହାନ୍ତି ଜଳବନ୍ଦୀ ମଣିଷମାନଙ୍କ ଘରକୁ ଘର, ଗାଁକୁ ଗାଁ ବୁଲି ବନ୍ୟାପୀଡ଼ିତଙ୍କର ଦୁଃଖ ବୁଝୁଥିବାର ନଜର ଆସେ। ସେଇ ବନ୍ୟାଜଳରେ ଲୋକଙ୍କ ସୁଖ ଦୁଃଖ ବୁଝୁଥିବା ସମୟରେ ସେ ସର୍ପାଘାତର ଶୀକାର ହୁଅନ୍ତି। ନିଜ ଜୀବନକୁ ବାଜି ଲଗାଇ ଲୋକଙ୍କ ବିପଦ ସମୟରେ ପହଞ୍ଚୁଥିବାରୁ ଲୋକଙ୍କ ହୃଦୟ ଜିତନ୍ତି ଅଂଶୁମାନ। ଏକାମାଘକେ ଶୀତ ଚାଲି ଯାଉନି ଯେ ଲୋକଙ୍କ ମନରୁ ଏକଥା ଭୁଲି ହୋଇଯିବ। ଠିକଣା ସମୟରେ ଠିକଣା ଜବାବ୍ ଦେବେ କେନ୍ଦ୍ରାପଡ଼ାବାସୀ ମନେହୁଏ।

**ଏହି ସ୍ତମ୍ଭ ଦ୍ୱାରା କାହାର ସମ୍ମାନହାନି କରିବା ଆମର ଉଦ୍ଦେଶ୍ୟ ନୁହେଁ, ବ୍ୟଙ୍ଗାତ୍ମକ ଲେଖା ମାଧ୍ୟମରେ ପାଠକଙ୍କ ମନୋରଞ୍ଜନ କରିବା ଆମର ପ୍ରଧାନ ଉଦ୍ଦେଶ୍ୟ।**

Printed, Published, Edited & Owned By Pabitra Brahmaputra Nayak, Printed At Durga Madhav Printers, At : Bajrakabati Road
Po : Buxibazar, Dist : Cuttack-753001 & Published At-Rajnagar, Po-Rajnagar, Dist : Kendrapara-754225 (Odisha)
Mo : 9437888444, E-Mail : rajbhumimedia@gmail.com
**Editor : Pabitra Brahmaputra Nayak** ସଂପାଦକ : ପବିତ୍ର ବ୍ରହ୍ମପୁତ୍ର ନାୟକ